## ବିଶେଷ ସୂଚନା

ଯଦି ଆପଣ ଖବରକାଗଜରେ କୌଣସି ଖବର କିମ୍ବା ବିଜ୍ଞାପନ ଦେବା ପାଇଁ ଚାହୁଁଛନ୍ତି ତେବେ ଦିଆଯାଇଥିବା whatsapp ନମ୍ବରରେ ପଠାଇପାରିବେ କିମ୍ବା ମେଲ୍ କରିପାରିବେ।

7735333804
odishanishabda@gmail.com



# ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA

epaper.odishanishabda.com

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda odishanishabda

www.odishanishabda.com
epaper.odishanishabda.com

Vol–1 ■ Issue–13 ■ 24th-30th Sept. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୧୩ ■ ୨୪-୩୦ ସେପ୍ଟେମ୍ବର ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ■ ମୂଲ୍ୟ-୫.୦୦


# ବଙ୍ଗୋପସାଗରରେ ଗଭୀର ଅବପାତ

## ପବନର ସର୍ବାଧିକ ବେଗ ୬୫ କିମି, ୫ ମିଟର ଆଗକୁ ମାଡ଼ି ଆସିଲା ସମୁଦ୍ର



**ଭୁବନେଶ୍ୱର:** ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ବିଶାଖାପାଟଣା ଓ ଗୋପାଳପୁର ମଧ୍ୟରେ କଳିଙ୍ଗପଟ୍ଟନମ୍ ନିକଟରେ ସ୍ଥଳଭାଗ ଅତିକ୍ରମ କରିଛି। ରାତି ପ୍ରାୟ ସାଢ଼େ ୧୧ଟା ସମୟରେ କଳିଙ୍ଗପଟ୍ଟନମ୍ର ଦକ୍ଷିଣ-ପଶ୍ଚିମ ଦିଗରେ ଗଭୀର ଅବପାତ ରୂପେ ଏହା ସ୍ଥଳଭାଗ ଛୁଇଁଥିଲା। ଏହା ପରେ ପ୍ରାୟ ୩ ଘଣ୍ଟା ଧରି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିଥିଲା।

ଘଣ୍ଟାପ୍ରତି ପ୍ରାୟ ୭ କିଲୋମିଟର ବେଗରେ ଆଗକୁ ବଢୁଥିବା ଏହି ଗଭୀର ଅବପାତର ପ୍ରଭାବରେ ପବନର ସର୍ବାଧିକ ବେଗ ୫୫ରୁ ୬୫ କିଲୋମିଟର ପର୍ଯ୍ୟନ୍ତ ରହିଥିଲା। ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ହୋଇଥିବାବେଳେ ପ୍ରାୟ ୫ ମିଟର ପର୍ଯ୍ୟନ୍ତ ଲହଡ଼ି ଆଗକୁ ମାଡ଼ି ଆସିଥିଲା। ଗଭୀର ଅବପାତଟି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରୁଥିବାରୁ ଆସନ୍ତା ୨୪ ଘଣ୍ଟା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଗଭୀର ଅବପାତ ପ୍ରଭାବରେ ଗଞ୍ଜାମ ଜିଲ୍ଲାର ଆର୍ଯ୍ୟପଲ୍ଲୀ ଅଞ୍ଚଳରେ ସମୁଦ୍ର ଅଶାନ୍ତ ରହିବା ସହ ଅତିପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷାର ଆଶଙ୍କା ରହିଛି। ଏଥିପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହାସହ ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ପ୍ରବଳ ବର୍ଷା ଲାଗିରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ‘ଜିରୋ କାଜୁଆଲ୍ଟି’ ଆମର ଏକମାତ୍ର ନୀତି: ମୁଖ୍ୟମନ୍ତ୍ରୀ

ଓଡ୍ରାଫ୍ ଟିମ୍‌ଗୁଡ଼ିକୁ ଆବଶ୍ୟକ ସ୍ଥାନରେ ମୁତୟନ କରାଯାଇଥିବା ବେଳେ ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି। ଲୋକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ପ୍ରକାରର ପ୍ରସ୍ତୁତି ଜାରି ରହିଛି।

### ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଆଉ ୨୪ ଘଣ୍ଟା ବର୍ଷା

### ଓଡ୍ରାଫ୍ ଟିମ୍ ମୁତୟନ, ଖୋଲିଲା ଆପାତକାଳୀନ କେନ୍ଦ୍ର

ସମ୍ଭାବ୍ୟ ବର୍ଷା ଓ ପବନକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାରଙ୍କ ଏକମାତ୍ର ନୀତି ‘ଜିରୋ କାଜୁଆଲ୍ଟି’ ବୋଲି ସେ କହିଛନ୍ତି। ସମସ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତିର ମୁକାବିଲା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜଳବନ୍ଦି ଅଞ୍ଚଳରେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନେବା ସହ ସେମାନଙ୍କୁ ଉପଯୁକ୍ତ ରିଲିଫ୍ ଯୋଗାଇ ଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟାର ସମ୍ଭାବନା ନଥିଲେ ମଧ୍ୟ ସମସ୍ତ ପ୍ରକାରର ସତର୍କତାମୂଳକ ବ୍ୟବସ୍ଥା ସହ ସର୍ବୋଚ୍ଚ ସ୍ତରର ପ୍ରସ୍ତୁତି ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।



# ଭୁବନେଶ୍ୱରର ନୂଆ ଡିସିପି ଡଃ ଶ୍ରବଣ ବିବେକ ଏମ୍



**ଭୁବନେଶ୍ୱର:** ଓଡିଶା ନିଶବ୍ଦ - ଭୁବନେଶ୍ୱର ଡିସିପି ପଦକୁ ନେଇ ଚାଲିଥିବା ଚର୍ଚ୍ଚାରେ ଏବେ ଅବସାନ ଘଟିଛି। ରାଜ୍ୟ ସରକାର ୨୦୧୫ ବ୍ୟାଚ୍ର ଆଇପିଏସ୍ ଅଧିକାରୀ ଡଃ ଶ୍ରବଣ ବିବେକ ଏମ୍.ଙ୍କୁ ଭୁବନେଶ୍ୱରର ନୂଆ ଡେପୁଟି କମିଶନର ଅଫ୍ ପୋଲିସ୍ (ଡିସିପି) ଭାବେ ନିଯୁକ୍ତ କରିଛନ୍ତି। ସେ ପୂର୍ବରୁ ବ୍ରହ୍ମପୁର ଏସ୍ପି ଭାବେ କାର୍ଯ୍ୟରତ ଥିଲେ। ଗୃହ ବିଭାଗର ନୂଆ ନିଯୁକ୍ତି ଆଦେଶ ଅନୁଯାୟୀ ତାଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଛି।

ପୂର୍ବତନ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ସେପ୍ଟେମ୍ବର ୧୧ ତାରିଖରୁ ଗ୍ରହଣ ହେବା ପରେ ଡିସିପି ପଦ ଖାଲି ରହିଥିଲା। ଏହା ପରେ ରାଜଧାନୀ ପାଇଁ ନୂଆ ଡିସିପି କିଏ ହେବେ, ସେନେଇ ପୋଲିସ୍ ମହଲରେ ଚର୍ଚ୍ଚା ଚାଲିଥିଲା। ଶେଷରେ ସରକାର ଡଃ ଶ୍ରବଣ ବିବେକଙ୍କ ନାମରେ ମୋହର ଲଗାଇଛନ୍ତି। ଡଃ ଶ୍ରବଣ ବିବେକ ମୂଳତଃ ତାମିଲନାଡୁର ବାସିନ୍ଦା ଏବଂ ଆଇପିଏସ୍ରେ ଯୋଗଦେବା ପୂର୍ବରୁ ସେ ଡାକ୍ତର ଥିଲେ। ଏମ୍‌ବିବିଏସ୍ ଶିକ୍ଷା ଶେଷ କରିବା ପରେ ସେ ସିଭିଲ୍ ସର୍ଭିସ୍ରେ ଯୋଗଦେଇ ୨୦୧୫ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ହୋଇଥିଲେ। ଓଡ଼ିଶା ପୋଲିସ୍ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରି ସେ ଅଭିଜ୍ଞତା ହାସଲ କରିଛନ୍ତି।

ରାୟଗଡ଼ା ଏବଂ ବ୍ରହ୍ମପୁରରେ ଏସ୍ପି ଭାବେ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି। ଭୁବନେଶ୍ୱର ଭିଜିଲାନ୍ସରେ ମଧ୍ୟ ସେ ଏସ୍ପି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି କାରଣରୁ ରାଜଧାନୀର ପୋଲିସ ବ୍ୟବସ୍ଥା ସହିତ ତାଙ୍କର ପୂର୍ବ ପରିଚୟ ରହିଛି।

ନୂଆ ଡିସିପିଙ୍କ ସମ୍ମୁଖରେ ଭୁବନେଶ୍ୱରରେ ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ସାଇବର ଅପରାଧ ରୋକିବା, ଭିଭିଆଇପି ସୁରକ୍ଷା ଏବଂ ନିଶା ବିରୋଧୀ ଅଭିଯାନ ଭଳି ଅନେକ ପ୍ରମୁଖ ଦାୟିତ୍ୱ ରହିବ। ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ପରିଚାଳନା ମଧ୍ୟ ଗୁରୁତ୍ୱ ପାଇବ। ପ୍ରଥମ ଥର ପାଇଁ ବିଧାନସଭା ସୁରକ୍ଷା ବ୍ୟବସ୍ଥା ସମେତ ରାଜଧାନୀର ବ୍ୟାପକ ପୋଲିସ ଦାୟିତ୍ୱ ତାଙ୍କ ଉପରେ ରହିବ।

ଏବେ ନୂଆ ଡିସିପି ଡଃ ଶ୍ରବଣ ବିବେକ ଏମ୍.ଙ୍କ ନେତୃତ୍ୱରେ ଭୁବନେଶ୍ୱର ପୋଲିସ୍ କିପରି ଆଇନଶୃଙ୍ଖଳା ଓ ସହର ସୁରକ୍ଷା ବ୍ୟବସ୍ଥାକୁ ଆଗକୁ ନେଉଛି, ତାହା ଉପରେ ଏବେ ନଜର ରହିଛି।

## ସୁପ୍ରିମକୋର୍ଟରେ ଓଡ଼ିଶା ଡିଜିପି ଚୟନ ମାମଲା

# ସୁଶାନ୍ତ ନାଥଙ୍କୁ ନେଇ କାଠକଡାରେ ରାଜ୍ୟ ସରକାର

**ଭୁବନେଶ୍ୱର :** ସୁପ୍ରିମକୋର୍ଟରେ ଓଡ଼ିଶା ଡଜିପି ଚୟନ ମାମଲା । ଆମିକସ କ୍ୟୁରି-ଏଜି ମୁହାଁମୁହିଁ। ଆଜି ପକ୍ଷ ରଖିବେ ରାଜ୍ୟ ସରକାର। ସୁପ୍ରିମକୋର୍ଟରେ ଓଡ଼ିଶା ପୁଲିସ ଡିଜିପି ନିଯୁକ୍ତି ମାମଲାର ଶୁଣାଣି ଶେଷ ହୋଇ ପାରିନାହିଁ। ଗତକାଲି ସମସ୍ତ ପ୍ରତିପକ୍ଷ ଆବେଦନକାରୀଙ୍କୁ ଶୁଣିବା ପରେ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ପକ୍ଷ ଶୁଣିବାକୁ ଧାର୍ଯ୍ୟ କରିଛନ୍ତି। ଶୁଣାଣି ବେଳେ ଆମିକସ୍ କ୍ୟୁରି ଓ ଓଡ଼ିଶାର ଆଡ୍ଭୋକେଟ୍ ଜେନେରାଲ୍ ମୁହାଁମୁହିଁ ହେବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଓଡ଼ିଶା ଡିଜିପି ନିଯୁକ୍ତି ବିବାଦ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିଲେ। ଜନସ୍ୱାର୍ଥ ମାମଲା ଦାୟର କରିଥିବା ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ ଏବଂ ସୁଶାନ୍ତ ନାଥଙ୍କ ଓକିଲ କରୁଣା ନନ୍ଦୀ ନିଜର ପକ୍ଷ ରଖିଥିଲେ। ସେହିପରି ଏହି ମାମଲାରେ ପକ୍ଷଭୁକ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ନୀରଜା କିଷାନ କୌଲ ଏବଂ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ମଧ୍ୟ ନିଜ ନିଜର ଯୁକ୍ତି ରଖିଥିଲେ ।



ସେପଟେ ଆଇପିଏସ୍ ସୁଶାନ୍ତ ନାଥଙ୍କୁକୁ ନେଇ କାଠକଡାରେ ଓଡ଼ିଶା ସରକାର। ବରିଷ୍ଠ ଆଇପିଏସ ଅଧିକାରୀ ସୁଶାନ୍ତ ନାଥଙ୍କୁ ସିବିଆଇ ପଚରାଉଚରା କରିବା ପାଇଁ ନୋଟିସ୍ କରିଥିବା କଥା ସରକାର ଜାଣଥିଲେ କି ବୋଲି ପ୍ରଶ୍ନ କରିଛନ୍ତି ସର୍ବୋଚ୍ଚ ଅଦାଲତ। ସେଣ୍ଟ୍ରାଲ ବ୍ୟୁରୋ ଅଫ ଇନଭେଷ୍ଟିଗେସନ ତାଙ୍କୁ ପଚାରିବାର ଅନୁରୋଧ ବିଷୟରେ ଜାଣିଥିଲେ କି ନାହିଁ।

ଓଡ଼ିଶା ଡିଜିପି ନିଯୁକ୍ତି ପ୍ରକ୍ରିୟା ବିରୁଦ୍ଧରେ ଥିବା ଏକ ଆବେଦନ ଉପରେ ଶୁଣାଣି କରି ଏଭଳି ପ୍ରଶ୍ନ କରିଛନ୍ତି ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ନ୍ୟାୟାଧୀଶ ଜୋୟମାଲ୍ୟା ବାଗଚି ଏବଂ ଭି ମୋହନାଙ୍କ ବେଞ୍ଚ। ଏସଆଇ ନିଯୁକ୍ତି ଦୁର୍ନୀତି ମାମଲାରେ ଶୁଶାନ୍ତ ନାଥଙ୍କୁ ସିବିଆଇ ଜେରା ପାଇଁ ନୋଟିସ୍ କରିଥିବା ଜଣାପଡିବା ପରେ ରାଜ୍ୟ ସରକାର ନାଥଙ୍କୁ ଡିଜିପି ପଦ ପାଇଁ ଦିଆଯାଇଥିବା ଇଣ୍ଟିଗ୍ରିଟି ସାର୍ଟିଫିକେଟ ପ୍ରତ୍ୟାହାର କରିଛନ୍ତି । ବର୍ତ୍ତମାନ ୟୁପିଏସସି ପାଖକୁ ନୂଆ ତାଲିକା ପଠାଉଛନ୍ତି। କୋର୍ଟ କହିଛନ୍ତି, ଯଦି ଏଫଆଇଆର ପଞ୍ଜିକୃତ ହୋଇସାରିଛି, ଏଥିରେ କୌଣସି ଭୂମିକା ଉଲ୍ଲେଖ ହୋଇଛି ଏବଂ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବେ ନାମିତ କରାଯାଇଛି, ତେବେ ରାଜ୍ୟ ସରକାରଙ୍କ ଦାୟିତ୍ୱ ନୁହେଁ କି ଏହାକୁ କମିଶନ ସମ୍ମୁଖରେ ରଖିବା। ଶୁଶାନ୍ତ ନାଥଙ୍କ ଓକିଲ ବରିଷ୍ଠ ଆଇନଜୀବୀ କରୁଣା ନନ୍ଦୀ, କୋର୍ଟକୁ କହିଥିଲେ ଯେ, ୧୨ ନଭେମ୍ବର ୨୦୨୫ରେ ସିବିଆଇ ଏସଆଇ ନିଯୁକ୍ତି ଦୁର୍ନୀତି ମାମଲା ପଞ୍ଜିକୃତ କରିଥିଲା ଏବଂ ଏଥିରେ ଶୁଶାନ୍ତ ନାଥଙ୍କୁ ଅଭିଯୁକ୍ତ ଭାବେ ନାମିତ କରାଯାଇନଥିଲା। ସେ କହିଥିଲେ ଯେ ଓଡ଼ିଶା ସରକାର ମେ ୨୦୨୬ରେ ନାଥଙ୍କ ନାମ ପଠାଇବା ସମୟରେ ଏହି ମାମଲା ବିଷୟରେ ଜାଣିଥିଲେ। ସିବିଆଇ ମାମଲାରେ ନାଥଙ୍କ ବିରୁଦ୍ଧରେ କିଛି ନାହିଁ। ସିବିଆଇ ତାଙ୍କ ସହିତ କଥା ହେବାକୁ ଚାହୁଁଛନ୍ତି କାରଣ ସେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି)ର ପୂର୍ବତନ ଅଧ୍ୟକ୍ଷ। ବରିଷ୍ଠ ଆଇନଜୀବୀ ପି ଚିଦାମ୍ବରମ, ଯିଏ ଓଡ଼ିଶା ସରକାରଙ୍କ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଥିବା ଆବେଦନକାରୀଙ୍କ ପକ୍ଷରୁ ଥିଲେ।

# ପାଠ୍ୟପୁସ୍ତକ ଓ ଏମ୍ଏମ୍ଡିଆର ପ୍ରସଙ୍ଗରେ ଧୋଇଗଲା ଗୃହକାର୍ଯ୍ୟ





### ପୁସ୍ତକ ତ୍ରୁଟିକୁ ନେଇ ରାଜରାସ୍ତାରେ ବିଜେଡି

### ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ: କଂଗ୍ରେସ

**ଭୁବନେଶ୍ୱର :** ବିଧାନସଭା ଚାଲିଲା ମାତ୍ର ୧୨ ମିନିଟ୍ । ବିରୋଧୀଙ୍କ ହଙ୍ଗାମାରେ ଧୋଇଗଲା ଗୃହକାର୍ଯ୍ୟ । ରଣକ୍ଷେତ୍ର ପାଲଟିଲା ଗାନ୍ଧୀମାର୍ଗ । ଗୃହରେ ଝଡ଼... ହଙ୍ଗାମା.. ହଟ୍ଟଗୋଳ... ହୁଲସ୍ଥୁଲ। ପାଠ୍ୟ ପୁସ୍ତକ ତ୍ରୁଟି ଓ ଏମ୍ଏମ୍ଡିଆର୍ ପ୍ରସଙ୍ଗରେ ଆଜି ପୁଣି ତାତିଲେ ବିରୋଧୀ । ପ୍ରଶ୍ନକାଳ ଆରମ୍ଭ ହେଉ ହେଉ ପୋଷ୍ଟର, ବ୍ୟାନର ଓ ପ୍ଲାକାର୍ଡ ଧରି ଗୃହକୁ କମ୍ପାଇଲେ ବିଜେଡି ଓ କଂଗ୍ରେସ ବିଧାୟକ।

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ପୋଡିଅମ ତଳେ ଜୋରଦାର ନାରାବାଜି କରିଥିଲେ ବିଜେଡି ସଦସ୍ୟ। ଏହାପରେ ବିଧାନସଭାରୁ ଲୋୟର ପିଏମ୍‌ଜିକୁ ଯାଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଚାହୁଁଚାହୁଁ ଗାନ୍ଧୀମାର୍ଗ ପାଲଟିଥିଲା ରଣକ୍ଷେତ୍ର । ପୁଲିସ ସହ ବିଜେଡି ନେତା ଓ କର୍ମୀ ମୁହାଁମୁହିଁ। ବ୍ୟାରିକେଡ ଭାଂଗି ବିଧାନସଭା ମାର୍ଗକୁ ଯିବା ବାଳେ ସୁରକ୍ଷା କର୍ମୀଙ୍କ ସହିତ ଧସ୍ତାଧସ୍ତି ହୋଇଥିଲା । ଏମ୍ଏମ୍ଡିଆର୍ ସଂଶୋଧନ ବିଲ୍ ପ୍ରତ୍ୟାହାର ଦାବିରେ କଂଗ୍ରେସ ପୁଣି ଆଜି ହଲ୍ଲାବୋଲ କରିଛି।

ବିଧାୟକମାନେ ଦେହରେ ପୋଷ୍ଟର ଝୁଲାଇ ଗୃହ ଭିତରେ ଓ ବାହାରେ ଜୋରଦାର ପ୍ରତିବାଦ କରିଥିଲେ । ଅନ୍ୟପକ୍ଷରେ ବିଜେପି କହିଛି, ଦଳକୁ ଚଳଚଞ୍ଚଳ କରିବା ପାଇଁ ବିଧାନସଭାକୁ ବନ୍ଦ କରୁଛନ୍ତି ବିରୋଧୀ । ଆଲୋଚନା ହେଲେ ମୁଖା ଖୋଲିଯିବ। ହୋହଲ୍ଲା ଭିତରେ ବିଧାନସଭାର ଦ୍ୱିତୀୟ ଦିନ ସଂପୂର୍ଣ୍ଣ ଧୋଇଯାଇଛି । ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ କେବଳ ୧୨ ମିନିଟ ଗୃହ ଚାଲିଥିଲା।

# ଏସ୍ଆଇଆର୍‌କୁ ନେଇ ଇସିରେ ଫାଟ !




**ନୂଆଦିଲ୍ଲୀ :** SIR ଅର୍ଥାତ୍ Special Intensive Revisionକୁ ନେଇ ନିର୍ବାଚନ କମିଶନର ଭିତରେ ମତଭେଦ ଥିବା ନେଇ The Indian Expressର ଏକ ତଦନ୍ତମୂଳକ ରିପୋର୍ଟ ପରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ରିପୋର୍ଟ ଅନୁସାରେ, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ବିଭିନ୍ନ ପ୍ରସଙ୍ଗରେ ଅନେକଥର ଆପତ୍ତି ଉଠାଇଥିଲେ ।

ବିଶେଷକରି Form 6ରେ SIR ସମ୍ପର୍କିତ ନୂଆ ଘୋଷଣା ଯୋଡ଼ାଯିବା ଏବଂ ଭୋଟର ଡାଟାବେସ୍‌ର ଅଧିକ କେନ୍ଦ୍ରୀକରଣକୁ ନେଇ ଦୁଇ କମିଶନରଙ୍କ ଆପତ୍ତି ସାମ୍ନାକୁ ଆସିଛି । ଯୋଶୀ ମେ’ ମାସରେ ଯୁକ୍ତି ଦେଇଥିଲେ ଯେ ଆଇନଗତ ଭାବେ ନିର୍ଦ୍ଧାରିତ Form 6କୁ ବଦଳାଇବା ପାଇଁ Registration of Electors Rules, ୧୯୬୦ରେ ଆବଶ୍ୟକ ସଂଶୋଧନ ଦରକାର । ସାନ୍ଧୁ ମଧ୍ୟ ଏହି ଆପତ୍ତି ସହ ସହମତ ହୋଇଥିବା ରିପୋର୍ଟରେ କୁହାଯାଇଛି ।

ଯାଦବଙ୍କ ପ୍ରଶ୍ନ—ଯଦି ଦୁଇ କମିଶନର ଭାବୁଥିଲେ ଯେ ନିଷ୍ପତ୍ତି ବେଆଇନ, ତେବେ ସେମାନେ କାହିଁକି ପୂର୍ଣ୍ଣ ନିର୍ବାଚନ କମିଶନ ବୈଠକ ଡାକିବାକୁ ଦାବି କଲେ ନାହିଁ ? ଏବଂ ଯଦି ବୈଠକ ଡକାଯାଇନଥିଲା, ତେବେ କାହିଁକି ରାଷ୍ଟ୍ରପତିଙ୍କ ନିକଟକୁ ଯାଇନଥିଲେ ? ଏହା ସହ ସେ କ୍ୟାବିନେଟ୍ ସଚିବଙ୍କୁ ଚିଠି ଲେଖିବା ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ, ନିର୍ବାଚନ କମିଶନ ଏହି ମତଭେଦ ଅଭିଯୋଗକୁ ଅନ୍ୟ ଭାବେ ବ୍ୟାଖ୍ୟା କରିଛି। କମିଶନ କହିଛି, SIR ସମେତ ଗତ ଏକ ବର୍ଷରେ ନିଆଯାଇଥିବା ସମସ୍ତ ଅନ୍ତିମ ନିଷ୍ପତ୍ତି ପୂର୍ଣ୍ଣ କମିଶନର ସର୍ବସମ୍ମତିରେ ହୋଇଛି। ଦୁଇ କମିଶନରଙ୍କ ପ୍ରଶ୍ନ ଓ ଆପତ୍ତିଗୁଡ଼ିକ ମୁଖ୍ୟତଃ ଡ୍ରାଫ୍ଟ ପର୍ଯ୍ୟାୟର ଆଲୋଚନା ଓ ପ୍ରଶାସନିକ ପ୍ରକ୍ରିୟାର ଅଂଶ ଥିଲା ବୋଲି ECI କହିଛି। ତେଣୁ ଏବେ ମୁଖ୍ୟ ପ୍ରଶ୍ନ ହେଉଛି—ଦୁଇ କମିଶନରଙ୍କ ଆପତ୍ତି କେବଳ ଆଭ୍ୟନ୍ତରୀଣ ମତଭେଦ ଥିଲା, ନା କୌଣସି ନିଷ୍ପତ୍ତିକୁ ନେଇ ପ୍ରକୃତରେ ଅଧିକାଂଶ ବିରୋଧ ଥିଲା ? ଏହାର ସ୍ପଷ୍ଟ ଉତ୍ତର ମିଳିବା ପାଇଁ କମିଶନର ଆଭ୍ୟନ୍ତରୀଣ ରେକର୍ଡ ଓ ନିଷ୍ପତ୍ତି ପ୍ରକ୍ରିୟାର ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବା ଦରକାର।

# ନବରଙ୍ଗପୁରକୁ ରେଡ୍ ୱାର୍ଣ୍ଣିଂ ! ୨୪ ଘଣ୍ଟାରେ ୪୭୩.୯ ମିମି ବର୍ଷା



**ଭୁବନେଶ୍ୱର:** ନବରଙ୍ଗପୁରକୁ ରେଡ୍ ୱାର୍ଣ୍ଣିଂ। ଜିଲ୍ଲାରେ ଲାଗି ରହିଛି ବର୍ଷା । ଗତ ୨୪ ଘଣ୍ଟାରେ ନବରଙ୍ଗପୁରରେ ୪୭୩.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ତେନ୍ତୁଳିଖୁଣ୍ଟି ବ୍ଲକରେ ସର୍ବାଧିକ ୧୦୬ ମିଲିମିଟର ବର୍ଷା ହୋଇଛି । ତେବେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ବନ୍ୟା ଭଳି ସ୍ଥିତି ଉପୁଜିନାହିଁ । ତଥାପି ଆଗକୁ ବର୍ଷା ବଢ଼ିଲେ ସ୍ଥିତି ବଦଳିପାରେ। ନବରଙ୍ଗପୁରର ବିଭିନ୍ନ ସ୍ଥାନରେ କେଉଁଠି ଝିପିଝିପି ତ ଆଉ କେଉଁଠି ତୁହାକୁ ତୁହା ବର୍ଷା ହେଉଛି । ଏପଟେ ଇନ୍ଦ୍ରାବତୀ ଜଳଭଣ୍ଡାରର ଗେଟ୍ ନମ୍ବର ୬ରୁ ପାଣି ନିଷ୍କାସିତ ହେଉଛି। ତେବେ ଇନ୍‌ଫ୍ଲୋ ଓ ଆଉଟ୍‌ଫ୍ଲୋ ସମାନ ରହୁଥିବାରୁ ଅଧିକ ଗେଟ୍ ଖୋଲିବା ଭଳି ପରିସ୍ଥିତି ଏଯାଏଁ ଉପୁଜିନାହିଁ । ଏ ନେଇ କୋଲାବ-ଇନ୍ଦ୍ରାବତୀ ବେସିନ୍ କାର୍ଯ୍ୟାଳୟର ମୁଖ୍ୟ ଯନ୍ତ୍ରୀ ବେଦାମ୍ବର ବେହେରା ସୂଚନା ଦେଇଛନ୍ତି । ସେପଟେ ଜିଲ୍ଲାର ବନ୍ୟା ପ୍ରବଣ କୋଷାଗୁମୁଡ଼ା ବ୍ଲକରେ ମଧ୍ୟ ଏବେ ବନ୍ୟା ଭଳି ସ୍ଥିତି ନାହିଁ । କିନ୍ତୁ ପ୍ରଶାସନ ସତର୍କ ରହିଛି। ଅନ୍ୟପଟେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରତ୍ୟେକ ବ୍ଲକରେ ଅଗ୍ନିଶମ ବାହିନୀ ଆବଶ୍ୟକୀୟ ସରଞ୍ଜାମ ସହ ପ୍ରସ୍ତୁତ ରହିଛି। ଏବେ ସମସ୍ତଙ୍କ ନଜର ଆଗାମୀ ବର୍ଷା ଉପରେ ।

# ବ୍ୟବହାର ହୋଇପାରିଲାନି, ପାଣିରେ ପଡ଼ିବ ୧.୫କୋଟି !

**କେନ୍ଦ୍ରାପଡ଼ା :** ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି କରିବାକୁ କେନ୍ଦ୍ରାପଡା ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିଲା ଇନଡୋର ଷ୍ଟାଡିୟମ। ମାତ୍ର ନିର୍ମାଣ ପରଠାରୁ ଆଜି ଯାଏଁ ଆଦୌ ବ୍ୟବହାର ହୋଇନି। ଦେଢ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଇନ୍‌ଡୋର ଷ୍ଟାଡିୟମ ଏବେ ଭାଙ୍ଗିରୁଜି ଖତ ଖାଉଛି।

କେନ୍ଦ୍ରାପଡ଼ା ରାଜନଗର ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ଇନଡୋର ସ୍ପୋର୍ଟ୍ସ ଟ୍ରେନିଂ ଫାସଲିଟି ସେଣ୍ଟର। ୟୁଜିସି ପକ୍ଷରୁ ୭୫ ଲକ୍ଷ ଓ ମହାବିଦ୍ୟାଳୟ ପକ୍ଷରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଥିଲା। ଲକ୍ଷ୍ୟ ଥିଲା ଷ୍ଟାଡିୟମରେ ପିଲା ଖେଳକୁଦ କରିବା ସହ ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର କରାଯିବ। ୨ ହଜାର ଛାତ୍ରଛାତ୍ରୀଙ୍କ ମାନସିକ ଓ ଶାରୀରିକ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ। ମାତ୍ର ୨୦୧୯ରେ ଉଦ୍‌ଘାଟନ ପରଠୁ ଥରୁଟିଏ ବ୍ୟବହାର ହୋଇନି। ଏବେ ଷ୍ଟାଡିୟମ୍ ଭାଙ୍ଗିରୁଜି ଚାରିପଟ ବଣବୁଦାରେ ଭର୍ତ୍ତି ହୋଇଗଲାଣି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଅବିଭକ୍ତ କଟକ ଜିଲ୍ଲାରେ ୟୁଜିସି ପକ୍ଷରୁ ଏହା ଏକମାତ୍ର ଇନ୍‌ଡୋର ସ୍ପୋର୍ଟ୍ସ ସେଣ୍ଟର। ଚୁକ୍ତି ମୁତାବକ, ଇନ୍‌ଡୋର ଷ୍ଟାଡିୟମ୍‌ର ମରାମତି ମହାବିଦ୍ୟାଳୟ କରିବ। ପ୍ରାକୃତିକ ବିପର୍ଯ୍ୟୟରେ ବଡ଼ ଧରଣର କ୍ଷୟକ୍ଷତି ହେଲେ ୟୁଜିସି ଅନୁଦାନ ଦେବ। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ପାଇଁ ଇନ୍‌ଡୋର ଷ୍ଟାଡିୟମ୍ ଆଦୌ ବ୍ୟବହାର ନହୋଇ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷ। ଦେଢ କୋଟି ଟଙ୍କା ଇନଡୋର ଷ୍ଟାଡିୟମ ପାଇଁ ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଆଦୌ ବ୍ୟବହାରରେ ନଲାଗିବା ଆଲୋଡ଼ନ ସୃଷ୍ଟି କରିଛି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।











# ମଣିପୁରରେ ହିଂସା ଅତି ଉଗ୍ର:୨୪ ଘର ଜାଳିଦେଲେ



**ଇମ୍ଫାଲ:** ମଣିପୁରରେ ହିଂସା ଅତି ଉଗ୍ର ରୂପ ନେଲାଣି। ଗତ କିଛି ଦିନ ଧରି ରାଜ୍ୟରେ ହିଂସା ତେଜିଛି ଏବଂ ଏଥିଯୋଗୁ ଅନେକ ଲୋକଙ୍କର ମୃତ୍ୟୁ ହେଲାଣି। ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲାରେ ଆଜି ଜଣେ ଘରୋଇ ଲାଇନ୍‌ମ୍ୟାନ୍‌ଙ୍କୁ କିଛି ସଶସ୍ତ୍ର ବ୍ୟକ୍ତି ଗୁଳି କରି ହତ୍ୟା କରିଛନ୍ତି। ସେମାନେ ପଡ଼ୋଶୀ କାଙ୍ଗପୋକ୍‌ପି ଜିଲ୍ଲାର ୨ଟି ଗାଁରେ ୨୪ଟି ଘରେ ନିଆଁ ଲଗାଇ ଦେଇଛନ୍ତି।

ଗୁଳିମାଡ଼ରେ ପ୍ରାଣ ହରାଇଥିବା ଲାଇନମ୍ୟାନ୍‌ଙ୍କ ନାଁ ପାଓଜଙ୍ଗମ ଚଙ୍ଗଲଇ। ସେ କୁକି ଓ୍ୱାକୋତଫାଇ ଗ୍ରାମର। ଆଜି ଭୋର ପ୍ରାୟ ୪ଟା ସମୟରେ ସେ ତାମେଇ ଥାନା ଅଧୀନ ଲାସନ ଗ୍ରାମରେ ୩୩ କେଭି ତାର ମରାମତି କରୁଥିବାବେଳେ କିଛି ସଶସ୍ତ୍ର ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଅସ୍ତ୍ରଧାରୀମାନେ କାଙ୍ଗପୋକ୍‌ପି ଜିଲ୍ଲାର ଚାଲଓ୍ୱା ଥାନା ଅଧୀନ ମକୁଇ ଖୁମାନ ଓ ମକୁଇ ଥନାମ୍ଭା ଗ୍ରାମରେ ଘରଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ। ଏଥିଯୋଗୁ ପ୍ରାୟ ୨୪ଟି ଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି ୨ ନାଗା ଗ୍ରାମ ଥାନାଠାରୁ ପ୍ରାୟ ୧୫ କିମି ଦୂରରେ ଅବସ୍ଥିତ।

### ବିଜେପିରେ ସାଂଗଠନିକ ପରିବର୍ତ୍ତନ

## ଓଡ଼ିଶା ପ୍ରଭାରୀ ହେଲେ ଡି. ପୁରନ୍ଦେଶ୍ୱରୀ



**ନୂଆଦିଲ୍ଲୀ:** ଭାରତୀୟ ଜନତା ପାର୍ଟି (ବିଜେପି) ବୁଧବାର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନୂଆ ପ୍ରଭାରୀ ଏବଂ ସହ-ପ୍ରଭାରୀ ନିଯୁକ୍ତ କରିଛି। ଦଳର ଜାତୀୟ ସଭାପତି ନିତିନ ନବୀନଙ୍କ ଅନୁମୋଦନ ପରେ ଏହି ନିଯୁକ୍ତି ତୁରନ୍ତ ଲାଗୁ ହୋଇଛି। ଓଡ଼ିଶା ବିଜେପିର ପ୍ରଭାରୀ ଭାବେ ଡି. ପୁରନ୍ଦେଶ୍ୱରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତାଙ୍କ ସହ-ପ୍ରଭାରୀ ଭାବେ ଡ. ସ୍ୱଦେଶ ସିଂହଙ୍କୁ ନିଯୁକ୍ତ କରାଯାଇଛି। ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନଙ୍କ ନିର୍ଦ୍ଦେଶକ୍ରମେ ୩୬ ଜଣ ପ୍ରଭାରୀଙ୍କ ନାଁ ଘୋଷଣା କରାଯାଇଛି ।

## ରୁଷରୁ ବନ୍ଦ ହେବନି ତେଲ କିଣା : ସୀତାରମଣ

**ନୂଆଦିଲ୍ଲୀ:** ରୁଷରୁ ଅଶୋଧିତ ତେଲ କିଣିବା ନେଇ ଭାରତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ନିଜର ଆବଶ୍ୟକତା ଓ ଆର୍ଥିକ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ। ଯେଉଁଠାରୁ ତେଲ ଉପଲବ୍ଧ ହେବ ଓ ଅର୍ଥନୈତିକ ଭାବେ ଉପଯୁକ୍ତ ମନେ ହେବ, ଭାରତ ସେଠାରୁ ତେଲ କିଣିବ। ସୀତାରମଣ କହିଛନ୍ତି, ଭାରତର ୧୪୦ କୋଟି ନାଗରିକଙ୍କ ଶକ୍ତି ଆବଶ୍ୟକତା ପୂରଣ ପାଇଁ ତେଲ ଯୋଗାଣର ଏକାଧିକ ଉତ୍ସ ରହିବା ଜରୁରୀ। ରୁଷରୁ ତେଲ ଆମଦାନି ବନ୍ଦ କରି ଅନ୍ୟ ଦେଶରୁ ତୁରନ୍ତ ସମାନ ପରିମାଣର ତେଲ ଆଣିବା ସହଜ କଥା ନୁହେଁ। ରୁଷ ବଦଳରେ ଅନ୍ୟ ଦେଶରୁ ଅଧିକ ତେଲ କିଣିଲେ ବିଶ୍ୱ ବଜାରରେ ତେଲ ଦର ଉପରେ ଚାପ ବଢ଼ିବ। ରୁଷ ତେଲ କିଣା ବନ୍ଦ କଲେ ଆଉ ଏକ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ବୋଲି ସୀତାରମଣ କହିଛନ୍ତି। ସେ କହିଲେ, ଦେଶର ବହୁ ତୈଳ ବିଶୋଧନାଗାର ନିର୍ଦ୍ଦିଷ୍ଟ ପ୍ରକାରର ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ନିର୍ମାଣ କରାଯାଇଛି। ତେଣୁ ଗୋଟିଏ ଦେଶର ତେଲ ବଦଳରେ ଅନ୍ୟ ଦେଶର ତେଲ ଆଣିବା ପୂର୍ବରୁ ତାହା ବିଶୋଧନାଗାର ପାଇଁ ଉପଯୁକ୍ତ କି ନୁହେଁ, ତାହା ମଧ୍ୟ ବିଚାରକୁ ନେବାକୁ ପଡ଼ିବ। ଗତ ଅଗଷ୍ଟରେ ଭାରତର ରୁଷ ତୈଳ ଆମଦାନି ଜୁଲାଇ ତୁଳନାରେ ୧୬.୫% ହ୍ରାସ ପାଇ ଦୈନିକ ପ୍ରାୟ ୨୧ ଲକ୍ଷ ବ୍ୟାରେଲରେ ପହଞ୍ଚିଛି। ଏହାସତ୍ତ୍ୱେ ରୁଷ ଭାରତର ସର୍ବବୃହତ୍ ତୈଳ ଯୋଗାଣକାରୀ ରାଷ୍ଟ୍ର ହୋଇରହିଛି। ପ୍ରାରମ୍ଭିକ ତଥ୍ୟ ଅନୁସାରେ ସେପ୍ଟେମ୍ବରରେ ରୁଷ ତେଲ ଆମଦାନୀ ଦୈନିକ ୧୯ ଲକ୍ଷ ବ୍ୟାରେଲକୁ ହ୍ରାସ ପାଇବା ଆଶଙ୍କା ରହିଛି। ଆମେରିକା ପକ୍ଷରୁ ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦% ଅତିରିକ୍ତ ଶୁଳ୍କ ଲଗାଇବା ଯୋଜନା ରହିଛି।



## ଆସନ୍ତା ରବିବାର ବ୍ୟାଙ୍କ ଖୋଲା

**ନୂଆଦିଲ୍ଲୀ:** ସେପ୍ଟେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରସ୍ତାବିତ ତିନିଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ପୂର୍ବରୁ, ସେପ୍ଟେମ୍ବର ୨୭ ରବିବାର ଦିନ ସମସ୍ତ ସରକାରୀ କ୍ଷେତ୍ରୀୟ ବ୍ୟାଙ୍କ (ପିଏସବି) ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆରଆରବି) ସ୍ୱାଭାବିକ ଭାବରେ କାର୍ଯ୍ୟ କରିବେ ବୋଲି ବୁଧବାର ଦିନ ସରକାର କହିଛନ୍ତି। ସେପ୍ଟେମ୍ବର ୨୬ ଏବଂ ୨୭ ତାରିଖ ପୂର୍ବ ସପ୍ତାହାନ୍ତ ଛୁଟି ପରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ ଦେଇଥିବା ପ୍ରସ୍ତାବିତ ଧର୍ମଘଟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସରକାର କହିଛନ୍ତି, ଜନସାଧାରଣଙ୍କ ବ୍ୟାଙ୍କିଙ୍ଗ ଆବଶ୍ୟକତା ଯେପରି ଦୀର୍ଘ ସମୟ ପାଇଁ ପ୍ରଭାବିତ ନ ହେବ ତାହା ସୁନିଶ୍ଚିତ କରିବା ପାଇଁ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ୨୭ ସେପ୍ଟେମ୍ବର ରବିବାର ଦିନ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବେ। ସରକାର କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ସେପ୍ଟେମ୍ବର ୨୭ରେ ସମସ୍ତ ବ୍ୟାଙ୍କ ଶାଖା, କାର୍ଯ୍ୟାଳୟ, ଏଟିଏମ୍ ସହିତ ଜଡିତ ଶାଖା ଏବଂ କରେନ୍ସି ଚେଷ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି।

# ଯମୁନା ଏକ୍ସପ୍ରେସ ୱେରେ ଦୁର୍ଘଟଣା; ସ୍ଲିପର ବସ୍‌ରେ ନିଆଁ ; ଜଳିଗଲେ ୯ ଯାତ୍ରୀ



ଗ୍ରେଟର ନୋଏଡା: ମବୁଧବାର ବିଳମ୍ବିତ ରାତିରେ ଯମୁନା ଏକ୍ସପ୍ରେସୱେରେ ଏକ ସ୍ଲିପର ବସ୍‌ରେ ନିଆଁ ଲାଗିଛି। ଗ୍ରେଟର ନୋଏଡାରୁ ଆଗ୍ରା ଯାଉଥିବା ବିହାର-ପଞ୍ଜିକୃତ ବସ୍‌ଟି ଦୟାନତପୁର ଗାଁ ନିକଟରେ ନିଆଁ ଲାଗିଥିଲା। ଡ୍ରାଇଭର ଏକ୍ସପ୍ରେସୱେ ପାର୍ଶ୍ୱରେ ବସ୍‌ଟିକୁ ଅଟକାଇ ଦେଇଥିଲେ। ଦୁର୍ଘଟଣା ସମୟରେ ବସ୍‌ରେ ପ୍ରାୟ ୩୫ ଜଣ ଯାତ୍ରୀ ଥିଲେ ଏବଂ ନଅ ଜଣ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ଆତଙ୍କ ସୃଷ୍ଟି ହୋଇଥିଲା ଏବଂ ଅନେକ ବସ୍‌ର ଝରକାରୁ ଡେଇଁଥିଲେ।

ନିଆଁ ଦ୍ରୁତ ଗତିରେ ବ୍ୟାପିବାରୁ କିଛି ଯାତ୍ରୀ ଭିତରେ ଫସି ରହିଥିଲେ। ଆହତମାନଙ୍କୁ ନିକଟସ୍ଥ କୈଳାସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭୋର ୩:୩୦ରେ ନଅ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ମୃତକଙ୍କ ମଧ୍ୟରେ ମହିଳା, ବୃଦ୍ଧ ଏବଂ ବିକଳାଙ୍ଗ ପିଲା ଅଛନ୍ତି। ପୁଲିସ ଅଗ୍ନିକାଣ୍ଡର କାରଣ ତଦନ୍ତ କରୁଛି। ବସ୍‌ଟି ଦିଲ୍ଲୀରୁ ମହୋବା ଅଭିମୁଖେ ଯାତ୍ରା କରୁଥିଲା। ଏହା ରାଜ କଳ୍ପନା ଟ୍ରାଭେଲ୍ସର, ଏକ ଟ୍ରାଭେଲ୍ସ ଏଜେନ୍ସି ଯାହା ମୁଖ୍ୟତଃ ଉତ୍ତର ପ୍ରଦେଶ ଏବଂ ମଧ୍ୟ ପ୍ରଦେଶରେ କାର୍ଯ୍ୟ କରେ। ଏହାର ନମ୍ବର ହେଉଛି BR32 PA8647।

ବସଟିରେ ନିଆଁ ଲାଗିବା ପରେ ଧୂଆଁ ଏବଂ ଉଚ୍ଚ ଅଗ୍ନିଶିଖା ଉଠିଥିଲା, ଯାହା ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଡ୍ରାଇଭର ଏକ୍ସପ୍ରେସୱେ ପାର୍ଶ୍ୱରେ ବସ୍‌କୁ ଅଟକାଇ ଅନେକ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିଲେ, ଯେତେବେଳେ ଅନ୍ୟମାନେ ନିଜ ଜୀବନ ବଞ୍ଚାଇବା ପାଇଁ ବାହାରକୁ ଡେଇଁ ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ଅଗ୍ନିକାଣ୍ଡ ସମୟରେ ବସ୍‌ରୁ ଆତସବାଜି ପରି ଶବ୍ଦ ଶୁଣାଯାଉଥିଲା।

ଟୋଲ୍ କର୍ମଚାରୀମାନେ ରିପୋର୍ଟ କରିଛନ୍ତି ଯେ ଦିଲ୍ଲୀରୁ ମହୋବା ଯାଉଥିବା ବସ୍‌ଟି ନିଆଁ ଲାଗିବା ପରେ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଡବଲ୍-ଡେକର୍ ବସ୍‌ଟି ନିଆଁରେ ପୋଡ଼ି ଯାଇଥିଲା। ଦୂରରୁ ଦେଖାଯାଉଥିବା ନିଆଁ ଏକ୍ସପ୍ରେସୱେ ଦେଇ ଯାଉଥିବା ଗାଡ଼ି ଚାଳକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଯମୁନା ଏକ୍ସପ୍ରେସୱେର ବ୍ୟକ୍ତିଗତ ସୁରକ୍ଷା ଦଳ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପାଇଁ ଚେଷ୍ଟା ଆରମ୍ଭ କରିଥିଲେ। ଅଗ୍ନିକାଣ୍ଡର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଜେଓ୍ୱାର ଟୋଲ୍ ଏବଂ ଫଲାଇଦା କ୍ରସିଂରେ ପ୍ରାୟ ୨୦ ମିନିଟ୍ ପାଇଁ ଯାତାୟାତ ବନ୍ଦ କରାଯାଇଥିଲା। ନିଆଁ ନିୟନ୍ତ୍ରଣକୁ ଆସିବା ପରେ, ଏକ୍ସପ୍ରେସୱେରେ ଯାତାୟାତ ପୁନଃସ୍ଥାପିତ ହୋଇଥିଲା। ଡବଲ୍-ଡେକର୍ ବସ୍‌ରେ ନିଆଁ ଲାଗିବାର କାରଣ ଜଣାପଡିପାରି ନାହିଁ। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ଅଗ୍ନିକାଣ୍ଡ ସମୟରେ ବସ୍ ରୁ ବାରମ୍ବାର ଫୋପାଡ଼ିବାର ଶବ୍ଦ ଆସୁଥିଲା।

## ବାହାଘରର କିଛି ମିନିଟ୍ ପରେ ମୃତ୍ୟୁ !





ନୂଆଦିଲ୍ଲୀ: ହାତରେ ମେହେନ୍ଦିର ରଙ୍ଗ ଶୁଖିନଥିଲା, ଆଖିରେ ଥିଲା ନୂଆ ସଂସାରର ସ୍ୱପ୍ନ। ଧୁମଧାମରେ ସରିଥିଲା ବିବାହ, ପରିବାର ଓ ବନ୍ଧୁବାନ୍ଧବଙ୍କ ହସଖୁସିରେ ଗୁଞ୍ଜି ଉଠୁଥିଲା ସାରା ପରିବେଶ। ହେଲେ କିଏ ଜାଣିଥିଲା, ସେହି ଖୁସିର ରାତି କିଛି ମିନିଟ୍ ମଧ୍ୟରେ ପାଲଟିଯିବ ଜୀବନର ସବୁଠୁ ବଡ଼ ଦୁଃସ୍ୱପ୍ନରେ। ଆମେରିକାର ଜର୍ଜିଆରୁ ଆସିଛି ଏମିତି ଏକ ହୃଦୟବିଦାରକ ଘଟଣା, ଯାହା ଶୁଣିଲେ ଆଖି ଭିଜିଯିବ। ଦୀର୍ଘ ୧୦ ବର୍ଷର ପ୍ରେମ ସମ୍ପର୍କ ପରେ ଜେସ୍ମି ସାମ୍ ଓ ଡେଭ୍ ଫିଜି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଶହ ଶହ ଅତିଥିଙ୍କ ଉପସ୍ଥିତିରେ ଏକ ବିଳାସପୂର୍ଣ୍ଣ ଭେନ୍ୟୁରେ ସରିଥିଲା ବାହାଘର। ବିବାହ ପରେ ନବଦମ୍ପତି ହେଲିକପ୍ଟରରେ ହୋଟେଲକୁ ଯିବାକୁ ବାହାରିଥିଲେ। କିନ୍ତୁ ସେହି ଯାତ୍ରା ହିଁ ସାଜିଥିଲା ମୃତ୍ୟୁର ଯାତ୍ରା।

ଉଡ଼ାଣ ପୂର୍ବରୁ ଖରାପ ପାଗ ଓ କମ୍ ଦୃଶ୍ୟମାନତାକୁ ନେଇ ଚିନ୍ତା ପ୍ରକାଶ କରିଥିଲେ ଡେଭ୍। ସେ ନିଜେ ଜଣେ ପାଇଲଟ୍ ଥିଲେ। ତଥାପି ଶେଷରେ ହେଲିକପ୍ଟର ଉଡ଼ାଇଥିଲେ। ମାତ୍ର କିଛି ମିନିଟ୍ ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ଉଚ୍ଚ ଗଛରେ ବାଡ଼େଇ ହୋଇ ଖସି ପଡ଼ିଥିଲା ହେଲିକପ୍ଟର। ଦୁର୍ଘଟଣାରେ ଡେଭ୍‌ଙ୍କ ମୃତ୍ୟୁ ହୋଇଥିବା ବେଳେ ଜେସ୍ମି ଗୁରୁତର ଆହତ ହୋଇଥିଲେ। ସବୁଠାରୁ ହୃଦୟବିଦାରକ କଥା ହେଲା, ଦୁର୍ଘଟଣା ପରେ ପ୍ରାୟ ୬ ଘଣ୍ଟା ଧରି ଧ୍ୱଂସସ୍ତୂପ ଭିତରେ ଫସି ରହିଥିଲେ ଜେସ୍ମି। ଆଉ ତାଙ୍କ ଉପରେ ପଡ଼ି ରହିଥିଲା ନିଜ ସ୍ୱାମୀଙ୍କ ମୃତଦେହ। ଯେଉଁ ମଣିଷଙ୍କ ସହ ସାରା ଜୀବନ କାଟିବାର ସ୍ୱପ୍ନ ଦେଖିଥିଲେ, ସେହି ମଣିଷଙ୍କ ଶବ ତଳେ ଅସହାୟ ଅବସ୍ଥାରେ କଟିଥିଲା ସାରା ରାତି।

ଦୁର୍ଘଟଣାର ଚାରି ମାସ ପରେ ଜେସ୍ମି ବିବାହ ସ୍ଥଳ ଓ ହେଲିକପ୍ଟର ଅପରେଟର କମ୍ପାନୀ ବିରୋଧରେ ମାମଲା ଦାଏର କରିଛନ୍ତି। ଖରାପ ପାଗ ସତ୍ତ୍ୱେ ଉଡ଼ାଣ ବାତିଲ୍ ନକରିବା ଓ ସୁରକ୍ଷା ନିୟମ ଅବହେଳା କରାଯାଇଥିବା ଅଭିଯୋଗ କରିଛନ୍ତି। ଆଜି ବି ସେ ପିଟିଏସଡି, ଡିପ୍ରେସନ ଓ ଉଡ଼ାଣ ଭୟ ସହ ଲଢୁଛନ୍ତି।

## ନିର୍ବାଚନ ଆୟୁକ୍ତ ନିଯୁକ୍ତି ଆଇନ ନେଇ ସୁପ୍ରିମକୋର୍ଟରେ ବିବାଦ



**ନୂଆଦିଲ୍ଲୀ:** ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଓ ନିର୍ବାଚନ ଆୟୁକ୍ତଙ୍କ (ଇସି) ନିଯୁକ୍ତି ସମ୍ପର୍କିତ ୨୦୨୩ ଆଇନକୁ ଚ୍ୟାଲେଞ୍ଜ କରି ଦାଏର ଆବେଦନଗୁଡ଼ିକୁ ୫ ଜଣିଆ ସମ୍ବିଧାନ ପୀଠକୁ ପଠାଯିବ କି ନାହିଁ, ଏନେଇ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ମଧ୍ୟରେ ମତଭେଦ ଦେଖାଦେଇଛି। ମାମଲାଟି ଏବେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ଯିବ। ବୃହତ୍ତର ପୀଠ ଗଠନ ନେଇ ସିଜେଆଇ ନିଷ୍ପତ୍ତି ନେବେ। ବିଚାରପତି ଦୀପଙ୍କର ଦତ୍ତା ଓ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆବେଦନରେ ୨୦୨୩ ଆଇନକୁ ଚାଲେଞ୍ଜ କରାଯାଇଥିଲା, ଯେଉଁଥିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ପରିବର୍ତ୍ତେ ଚୟନ ପ୍ୟାନେଲରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କୁ ରଖାଯାଇଥିଲା। ଜଷ୍ଟିସ୍ ଦତ୍ତା ତାଙ୍କ ରାୟରେ ନିର୍ବାଚନ ଆୟୁକ୍ତଙ୍କ ସ୍ୱାଧୀନତା ଓ ନିରପେକ୍ଷତା ଉପରେ ବ୍ୟାପକ ଚିନ୍ତା ପ୍ରକାଶ କରିଥିଲେ ଏବଂ ପ୍ରଶ୍ନ କରିଥିଲେ ଯେ, ୨୦୨୩ ଆଇନ ଅନୁଯାୟୀ ନିଯୁକ୍ତି ବ୍ୟବସ୍ଥା ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଆବଶ୍ୟକ ସାମ୍ବିଧାନିକ ମାନଦଣ୍ଡ ପୂରଣ କରୁଛି କି ନାହିଁ। ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କୁ ନେଇ ଗଠନ ହୋଇଥିବା ପାନେଲ କାର୍ଯ୍ୟନିର୍ବାହୀ କ୍ଷମତା ଉପରେ ପ୍ରଭାବଶାଳୀ ଯାଞ୍ଚ କରିପାରିବ କି ବୋଲି ଜଷ୍ଟିସ୍ ଦତ୍ତା ପ୍ରଶ୍ନ କରିଥିଲେ।

## ରୁବିଓଙ୍କୁ ଭେଟିଲେ ଜୟଶଙ୍କର

### ରୁଷ୍ ସାଙ୍କସନ୍‌ସ ଆକ୍ଟକୁ ନେଇ ଚିନ୍ତା ପ୍ରକଟ କଲେ



**ନୂଆଦିଲ୍ଲୀ:** ଜାତିସଂଘ ସାଧାରଣ ଅଧିବେଶନ ଅବସରରେ ଆଜି ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଆମେରିକା ବିଦେଶ ସଚିବ ମାର୍କୋ ରୁବିଓଙ୍କୁ ଭେଟିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ସମେତ ରୁଷ୍ ତୈଳ କ୍ରୟକୁ ନେଇ ଆମେରିକା ଲଗାଇଥିବା ଶୁଳ୍କ ସଂକ୍ରାନ୍ତରେ ଆଲୋଚନା ହୋଇଛି। ରୁବିଓଙ୍କ ସହ ସାକ୍ଷାତ୍ ପରେ ଜୟଶଙ୍କର ଏକ୍ସରେ କହିଛନ୍ତି ଯେ ଦୁଇ ନେତା ଉପସାଗରୀୟ ରାଷ୍ଟ୍ରଗୁଡ଼ିକର ସ୍ଥିତି ଏବଂ ୟୁକ୍ରେନ ପରିସ୍ଥିତି ନେଇ ମଧ୍ୟ ଆଲୋଚନା କରିଛନ୍ତି। ଗତ ସପ୍ତାହରେ ରୁଷ୍ ତୈଳ କିଣୁଥିବା ରାଷ୍ଟ୍ରଗୁଡ଼ିକ ଉପରେ ଶତ ପ୍ରତିଶତ ଶୁଳ୍କ ଲଗାଇବା ସଂକ୍ରାନ୍ତ ଆଇନରେ ଟ୍ରମ୍ପ ସ୍ୱାକ୍ଷର କରିଥିଲେ। ଏହା ଭାରତ ଓ ଚୀନ୍ ସମେତ ରୁଷ୍ ତୈଳ କିଣୁଥିବା ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରିବ। ଏହା ଉପରେ ପ୍ରତିକ୍ରିୟା ଦେଇ ଭାରତ କହିଥିଲା ଯେ ଦେଶର ଆର୍ଥିକ ସ୍ୱାର୍ଥ ଓ ଶକ୍ତି ସୁରକ୍ଷା ପାଇଁ ଭାରତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ।

## ରାଜ୍ୟରାଣୀ ଏକ୍ସପ୍ରେସ ଧକ୍କାରେ ୪ଛାତ୍ର ମୃତ

ପାରଳାଖେମୁଣ୍ଡି: ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର ଟେକ୍କାଲି ମଣ୍ଡଳ ଅନ୍ତର୍ଗତ ରବିଭଲସା ନିକଟରେ ବୁଧବାର ଏକ ଭୟଙ୍କର ରେଳ ଦୁର୍ଘଟଣାରେ ୪ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ରାଜ୍ୟରାଣୀ ଏକ୍ସପ୍ରେସ୍ ଧକ୍କାରେ ଘଟଣାସ୍ଥଳରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ବିଶାଖ ରାଓ, ଦିଲୀପ କୁମାର, ଶିବା ଓ ଶରତ। ଆହତ ଯୁବକଙ୍କ ନାମ ସଲମନ ରଜୁ ବୋଲି ଜଣାପଡ଼ିଛି। ପ୍ରାଥମିକ ସୂଚନା ଅନୁଯାୟୀ, ମୃତାହତମାନେ ଟେକ୍କାଲି ନିକଟସ୍ଥ ଡାମାରା ଅଞ୍ଚଳର ବାସିନ୍ଦା। ସେମାନେ ଏକ ହଷ୍ଟେଲରେ ରହି ପାଠ ପଢୁଥିଲେ। ବୁଧବାର ସେମାନେ ରେଳ ଧାରଣା ନିକଟକୁ ମାଛ ଧରିବାକୁ ଯାଇଥିବା ସମୟରେ ଏହି ଅଘଟଣ ଘଟିଥିବା କୁହାଯାଉଛି। ସୂଚନା ଅନୁସାରେ, ରାଜ୍ୟରାଣୀ ଏକ୍ସପ୍ରେସ୍ ଉକ୍ତ ସ୍ଥାନ ଦେଇ ଯାଉଥିବାବେଳେ ରେଳ ଧାରଣା ନିକଟରେ ଥିବା ୫ ଜଣଙ୍କୁ ଧକ୍କା ଦେଇଥିଲା। ଟ୍ରେନ୍ ଧକ୍କାରେ ୪ ଜଣ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ।

## ଇମ୍ରାନଙ୍କ ମୁକ୍ତି ପାଇଁ ପିଟିଆଇ ଆନ୍ଦୋଳନ ଡାକରା: ସିଲ୍ ହେଲା ଇସଲାମାବାଦ





- ହାଇଆଲର୍ଟରେ ହସ୍ପିଟାଲ
- ୨୦ ହଜାର କଣ୍ଟେନର, ବାରିକେଡ୍ ଘେରରେ ରାଜଧାନୀ
- ୧୫୦୦ରୁ ଉର୍ଦ୍ଧ୍ୱ ଗିରଫ

**ଇସଲାମାବାଦ:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ମୁକ୍ତି ଦାବିରେ ଆସନ୍ତା ସେପ୍ଟେମ୍ବର ୨୭ ତାରିଖରେ ପାକିସ୍ତାନ ତେହେରିକ-ଇ-ଇନସାଫ (ପିଟିଆଇ) ପକ୍ଷରୁ ହେବାକୁ ଥିବା ବିଶାଳ ଇସଲାମାବାଦ ମାର୍ଚ୍ଚକୁ ନେଇ ସରକାର ଓ ସେନା ପ୍ରଶାସନ ମଧ୍ୟରେ ଆତଙ୍କ ଖେଳିଯାଇଛି। ବିକ୍ଷୋଭକାରୀଙ୍କୁ ରୋକିବା ପାଇଁ ରାଜଧାନୀ ଇସଲାମାବାଦକୁ ପ୍ରାୟ ୨୦ ହଜାର ସିପିଂ କଣ୍ଟେନର, ଲୁହା କଣ୍ଟା ଏବଂ ୱେଲଡିଂ ବାରିକେଡ୍ ସାହାଯ୍ୟରେ ସମ୍ପୂର୍ଣ୍ଣ ସିଲ୍ କରି ଦିଆଯାଇଛି। ପରିସ୍ଥିତି ଏପରି ହୋଇଛି ଯେ ସ୍ଥାନୀୟ ଗଣମାଧ୍ୟମ ଏହାକୁ ରାଜନୈତିକ କାର୍ଯ୍ୟକ୍ରମ ବଦଳରେ ଆକ୍ରମଣର ପ୍ରସ୍ତୁତି ବୋଲି କହି କଡ଼ା ସମାଲୋଚନା କରିଛି। ଏହି ମାର୍ଚ୍ଚକୁ ଜମାତ-ଏ-ଇସଲାମୀ ଏବଂ କୃଷକ ସଂଗଠନଗୁଡ଼ିକ ମଧ୍ୟ ସମର୍ଥନ ଜଣାଇଛନ୍ତି।

ସମ୍ଭାବ୍ୟ ହିଂସାକାଣ୍ଡକୁ ଦୃଷ୍ଟିରେ ରଖି ଇସଲାମାବାଦର ସମସ୍ତ ପ୍ରମୁଖ ହସ୍‌ପିଟାଲକୁ ଜରୁରୀକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରକ୍ତ ଭଣ୍ଡାର ଗୁଡ଼ିକରେ ଅତି କମ୍‌ରେ ୧୦୦ ବ୍ୟାଗ୍ ରକ୍ତ ସଂରକ୍ଷିତ ରଖିବା ସହ ଆମ୍ବୁଲାନ୍ସଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ସାଧାରଣ ଅପରେସନ୍‌ଗୁଡ଼ିକୁ ସ୍ଥଗିତ ରଖାଯାଇଛି ଏବଂ ସୁସ୍ଥ ହେଉଥିବା ରୋଗୀଙ୍କୁ ଡିସଚାର୍ଜ କରାଯାଉଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଛୁଟି ବାତିଲ କରାଯାଇଛି। ପାକିସ୍ତାନୀ ସମ୍ବାଦପତ୍ର 'ଡନ୍' ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସହରର ହସ୍‌ପିଟାଲଗୁଡ଼ିକୁ ହାଇଆଲର୍ଟରେ ରଖାଯାଇଛି।

ରାଜଧାନୀର ସୁରକ୍ଷା ପାଇଁ ପଞ୍ଜାବ ଓ ସିନ୍ଧ ପ୍ରଦେଶରୁ ୨୦ ହଜାରରୁ ଅଧିକ ପୁଲିସ କର୍ମଚାରୀଙ୍କ ସମେତ ପାରାମିଲିଟାରି 'ପାକିସ୍ତାନ ରେଞ୍ଜର୍ସ'ଙ୍କୁ ମୁତୟନ କରାଯାଇଛି। ଅନ୍ୟପଟେ, ବିକ୍ଷୋଭକୁ ପଣ୍ଡ କରିବା ପାଇଁ ସରକାରୀ ସ୍ତରରେ ବ୍ୟାପକ ଚଢ଼ଉ ଜାରି ରହିଛି। ଇମ୍ରାନ ଖାନଙ୍କ ତିନି ଭଉଣୀ— ଅଲିମା ଖାନ, ନୋରିନ୍ ନିଆଜି ଓ ଉଜ୍‌ମା ଖାନଙ୍କୁ ଗିରଫ କରାଯାଇ ୩୦ ଦିନ ପାଇଁ ଜେଲ ପଠାଯାଇଛି। ଏହାବ୍ୟତୀତ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ପିଟିଆଇ ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ଜେଲରେ ଅଟକ ରଖାଯାଇଛି।

# ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତାରେ ଦୁଇଦିନିଆ ଚିନ୍ତନ ଶିବିର ଆରମ୍ଭ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ଦୁଇଦିନିଆ 'ଚିନ୍ତନ ଶିବିର' ବୁଧବାରଠାରୁ ଆରମ୍ଭ ହୋଇଛି। ନୂଆଦିଲ୍ଲୀର ସେବା ତୀର୍ଥଠାରେ ଚାଲିଥିବା ଏହି ବୈଠକ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ। ଏଥିରେ ସରକାରଙ୍କ ଚାଲୁଥିବା କାର୍ଯ୍ୟର ସମୀକ୍ଷା ସହ ଆଗାମୀ ଦିନର ପ୍ରାଥମିକତା ଓ 'ବିକଶିତ ଭାରତ-୨୦୪୭'ର ଲକ୍ଷ୍ୟ ନେଇ ଆଲୋଚନା ହେଉଛି।

ପ୍ରଥମ ଦିନ ମନ୍ତ୍ରୀମାନେ ନିଜ ନିଜ ମନ୍ତ୍ରଣାଳୟର କାମ, ଯୋଜନାର ଅଗ୍ରଗତି ଓ ଆଗାମୀ ଯୋଜନା ସମ୍ପର୍କରେ ପ୍ରେଜେଣ୍ଟେସନ୍ ଦେଉଛନ୍ତି। ଦ୍ୱିତୀୟ ଦିନ ଏହାର ସମୀକ୍ଷା କରାଯିବ। ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତାର ମୂଲ୍ୟାୟନ କରି ରିପୋର୍ଟ କାର୍ଡ ପ୍ରସ୍ତୁତ କରାଯିବ ବୋଲି ରିପୋର୍ଟରେ କୁହାଯାଇଛି। ଏଥିରେ 'ଏକ୍ସଲେଣ୍ଟ', 'ଗୁଡ୍', 'ଆଭରେଜ୍' ଓ 'ପୁଅ'ର ଭଳି ଚାରିଟି ବର୍ଗରେ ମୂଲ୍ୟାୟନ କରାଯିବା ନେଇ ମଧ୍ୟ ସୂଚନା ମିଳିଛି। ଚଳିତ ଚିନ୍ତନ ଶିବିରରେ ଯୁବପିଢ଼ି ସହ ସରକାରଙ୍କ ଯୋଗାଯୋଗ, ସରକାରୀ ଯୋଜନାର କାର୍ଯ୍ୟକାରିତା, ଶାସନ ବ୍ୟବସ୍ଥାରେ ସୁଧାର ଓ ପ୍ରଭାବଶାଳୀ ଯୋଗାଯୋଗ ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ତ୍ରଣାଳୟ, ବିଭାଗ, କ୍ୟାବିନେଟ୍ ସଚିବାଳୟ ଓ ନୀତି ଆୟୋଗର କାର୍ଯ୍ୟକୁ ଏକାଠି କରି ଆଗାମୀ ନୀତି ଓ ପଦକ୍ଷେପ ନିର୍ଦ୍ଧାରଣ କରାଯିବ।ଏଭଳି ଚିନ୍ତନ ଶିବିର ୨୦୨୧ରେ ମଧ୍ୟ ଆୟୋଜିତ ହୋଇଥିଲା। ସେହି ବର୍ଷ କେନ୍ଦ୍ରୀୟ ମନ୍ତ୍ରିପରିଷଦ ସହ ମୋଟ ୫ଟି ଚିନ୍ତନ ଶିବିର ହୋଇଥିଲା। ପ୍ରଥମଟି ୧୪ ସେପ୍ଟେମ୍ବରରେ ହୋଇଥିବା ବେଳେ ଶେଷ ଶିବିର ନଭେମ୍ବରରେ ହୋଇଥିଲା। ପ୍ରତ୍ୟେକ ଅଧିବେଶନ ପ୍ରାୟ ୫ ଘଣ୍ଟା ଚାଲିଥିଲା।

ଏଥିରେ ମନ୍ତ୍ରୀମାନଙ୍କ କାର୍ଯ୍ୟକ୍ଷମତା, ସମୟ ଓ ସମ୍ବଳର ଉପଯୁକ୍ତ ବ୍ୟବହାର, ଯୋଜନାର ନିରୀକ୍ଷଣ ଏବଂ ଶାସନ ବ୍ୟବସ୍ଥାରେ ସୁଧାର ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପରେ ୭୭ ଜଣ ମନ୍ତ୍ରୀଙ୍କୁ ୮ଟି ଗୋଷ୍ଠୀରେ ବିଭକ୍ତ କରି ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗରେ କାମ କରାଯାଇଥିଲା। ୨୦୨୧ରୁ 'ବିକଶିତ ଭାରତ-୨୦୪୭' ପାଇଁ ପ୍ରସ୍ତୁତି ଚାଲିଛି। ସେତେବେଳେ ବରିଷ୍ଠ ସଚିବମାନଙ୍କୁ ନେଇ ୧୦ଟି ବିଷୟଭିତ୍ତିକ ଗୋଷ୍ଠୀ ଗଠନ କରାଯାଇଥିଲା। ଦୀର୍ଘ ଓ ସ୍ୱଳ୍ପକାଳୀନ ଯୋଜନାର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ସେମାନଙ୍କ ଦାୟିତ୍ୱ ଥିଲା। ଏହାପରେ ମଧ୍ୟ 'ବିକଶିତ ଭାରତ'ର ବିଭିନ୍ନ ଦିଗ ନେଇ କ୍ୟାବିନେଟ୍‌ରେ ଏକାଧିକ ପ୍ରେଜେଣ୍ଟେସନ୍ ଓ ଆଲୋଚନା ହୋଇଛି।

ଓଡ଼ିଶା ନିଶବ୍ଦ
ନିର୍ଭିକ ଓ ନିରପେକ୍ଷ ଖବର
ODISHA NISHABDA
epaper.odishanishabda.com

# ୨.୪୭ ଲକ୍ଷ କୋଟି ନିବେଶରେ ବାଜିଲା ସରକାରଙ୍କ ମୋହର

## ୪ଟି ଡାଟା ସେଣ୍ଟର ସ୍ଥାପନ ହେବ, ଖୋର୍ଦ୍ଧାରେ ୧୦୦୦ ଶଯ୍ୟାର ଆଦାନୀ ହସ୍ପିଟାଲ

**ଭୁବନେଶ୍ୱର:** ରାଜ୍ୟରେ ଚାରିଟି ଡାଟା ସେଣ୍ଟର ସ୍ଥାପନ ହେବାକୁ ଯାଉଛି। ଖୋର୍ଦ୍ଧା, ପୁରୀ ଓ କଟକରେ ହେବାକୁ ଥିବା ଏହି ଡାଟା ସେଣ୍ଟରଗୁଡ଼ିକରେ ମୋଟ୍? ୧,୪୨,୯୪୧ କୋଟି ଟଙ୍କା ନିବେଶ ହେବ। ଏହି ପ୍ରକଳ୍ପଗୁଡ଼ିକ ସମେତ ୧୫ଟି ଜିଲ୍ଲାରେ ସ୍ଥାପନ ହେବାକୁ ଥିବା ୨.୪୭ ଲକ୍ଷ କୋଟି ଟଙ୍କା ନିବେଶର ୨୭ଟି ପ୍ରକଳ୍ପକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୬ତମ ଉଚ୍ଚସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ (ଏଚ୍‌ଏଲ୍‌ସିଏ) ବୈଠକରେ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ରାଜ୍ୟରେ ୫୦,୧୬୨ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆଜି ଯେଉଁ ଧରଣର ପ୍ରକଳ୍ପ ମଞ୍ଜୁର ହୋଇଛି ତାହା ଓଡ଼ିଶାରେ ନିବେଶକଙ୍କ ବଢୁଥିବା ଭରସା ଓ ରାଜ୍ୟର ଶିଳ୍ପ ଦୃଶ୍ୟପଟରେ ହେଉଥିବା ରୂପାନ୍ତରଣକୁ ଦର୍ଶାଉଛି। ସନ୍ତୁଳିତ ଆଞ୍ଚଳିକ ଶିଳ୍ପ ବିକାଶ ଉପରେ ଆମେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଥିଲେ। ବୈଠକର ସୂଚନା ଅନୁଯାୟୀ, ଖୋର୍ଦ୍ଧାରେ ହାଇ ଡେନ୍‌ସିଟି ଡାଟାସେଣ୍ଟର ଲିମିଟେଡ୍ ଏକ ସମନ୍ୱିତ ଡାଟା ସେଣ୍ଟରରେ ୧,୦୪,୫୫୦ କୋଟି ଟଙ୍କା ଓ ଏଚ୍‌ସିଏଲ୍ ଟେକ୍ନୋଲୋଜି ଏକ ଏଆଇ ଡାଟା ସେଣ୍ଟରରେ ୧୪,୨୫୭ କୋଟି ଟଙ୍କା ନିବେଶ କରିବେ। ପୁରୀରେ ସେଣ୍ଟାଫୋର୍ଜ ଏଆଇ ତରଫରୁ ୨୨,୬୩୪ କୋଟି ଟଙ୍କା ନିବେଶରେ ଏକ ଏଆଇ ଡାଟା ସେଣ୍ଟର ସହିତ ଗ୍ଲୋବାଲ୍ କାପାବିଲିଟି ସେଣ୍ଟର (ଜିସିସି) ସ୍ଥାପନ କରାଯିବ। କଟକରେ ଏକ ଡାଟା ସେଣ୍ଟର ନିର୍ମାଣ କରିବାରେ ଆରକେଡି କନ୍‌ଷ୍ଟ୍ରକ୍ସନ୍



୧୫୦୦ କୋଟି ଟଙ୍କା ନିବେଶ କରିବ।

ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ୫୪,୨୮୭.୭୦ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି। ଏନ୍‌ଏଲ୍‌ସି ଇଣ୍ଡିଆ ଦେବଗଡ଼ରେ ୩୪,୭୬୩.୫୧ କୋଟି ଟଙ୍କା ନିବେଶରେ ୩୨୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଓ ଅନୁଗୋଳରେ ୧୧,୬୦୪.୧୯ କୋଟି ଟଙ୍କା ନିବେଶରେ ୧୦୮୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ରାୟଗଡ଼ାରେ ବିଇକେଇଏମ୍ ଇନଫ୍ରା ପ୍ରୋଜେକ୍ଟସ୍ ୪୦୨୦ କୋଟି ଟଙ୍କା ନିବେଶରେ ଏକ ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଓ ଶ୍ରୀ ଅବନ୍ତିକା କଣ୍ଟ୍ରାକ୍ଟର (ଆଇ) ଲିମିଟେଡ୍ କୋରାପୁଟରେ ୩୯୦୦ କୋଟି ଟଙ୍କା ନିବେଶରେ ଏକ ୭୫୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପମ୍ପଡ୍ ଷ୍ଟୋରେଜ୍ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରିବ। ସୁନ୍ଦରଗଡ଼ରେ ରୁଙ୍ଗଟା ମାଇନ୍ସ ଏହାର ଇସ୍ପାତ କାରଖାନା ସମ୍ପ୍ରସାରଣରେ ୯୦୦୦ କୋଟି ଟଙ୍କା ନିବେଶ କରିବ। ଶାକାମ୍ବରି ଇସ୍ପାତ ଆଣ୍ଡ ପାୱାର ଲିମିଟେଡ୍ ୫୦୦୦ କୋଟି ଟଙ୍କା ନିବେଶରେ ଏକ ସିମେଣ୍ଟ

- ଦେବଗଡ଼, ଅନୁଗୋଳରେ ପାୱାର ପ୍ଲାଣ୍ଟ
- ଗଞ୍ଜାମରେ ଜାହାଜ ମରାମତି କାରଖାନା

କାରଖାନା ଓ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ କରିବ।

ଲ୍ୟାବ୍ ଗ୍ରୋନ୍ ଡାଇମଣ୍ଡ (ଲ୍ୟାବ୍‌ରେ ପ୍ରସ୍ତୁତ ହୀରା) କ୍ଷେତ୍ରରେ ଢୋଲକିଆ ଲ୍ୟାବ୍ ଗ୍ରୋନ୍ ଡାଇମଣ୍ଡ ଖୋର୍ଦ୍ଧାରେ ୪୫୦୦ କୋଟି ଟଙ୍କା, ଗ୍ରିନ୍‌ଲ୍ୟାବ୍ ଡାଇମଣ୍ଡସ ୨୫୦୦ କୋଟି ଟଙ୍କା, ନୋଓଭିଉ ଡାଇମଣ୍ଡସ ଏଲ୍‌ଏଲ୍‌ପି ୧୦୮୦ କୋଟି ଟଙ୍କା, ଗ୍ରିନ୍ ଡାଇମଣ୍ଡସ ୧୦୦୦ କୋଟି ଟଙ୍କା ଓ ନିଅର୍ଗାନିକ୍ ଡାଇମଣ୍ଡସ ଗଞ୍ଜାମରେ ୧୬୦୦ କୋଟି ଟଙ୍କା ନିବେଶ କରିବେ। ସେମିକଣ୍ଡକ୍ଟର କ୍ଷେତ୍ରରେ ସିକ୍‌ସେମ୍ ଖୋର୍ଦ୍ଧାରେ ୨୦୭୮ କୋଟି ଟଙ୍କା, ଆରେ ସୋଲାର ପିଭି ଲିମିଟେଡ୍ ନୂଆପଡ଼ାରେ ଏଲ୍‌ପିଏଫ୍ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ପାଇଁ ୧୦୫୦ କୋଟି ଟଙ୍କା ନିବେଶ କରିବେ। ଜିରିବାମ ସୋଲାର ପାୱାର କେନ୍ଦ୍ରାପଡ଼ାରେ ଗ୍ରିନ୍ ହାଇଡ୍ରୋଜେନ୍ ପ୍ରକଳ୍ପରେ ୩୦୦୦ କୋଟି ଟଙ୍କା ନିବେଶ କରିବ।

ଏଲ୍‌ଆଣ୍ଡଟି ପକ୍ଷରୁ ଗଞ୍ଜାମରେ ଜାହାଜ ନିର୍ମାଣ ଓ ମରାମତି କାରଖାନାରେ ୧୦୦୦ କୋଟି ଟଙ୍କା ଓ ଏକ ଅତ୍ୟାଧୁନିକ ଫେବ୍ରିକେସନ ଓ ବିନିର୍ମାଣ କାରଖାନାରେ ୨୧୦୦ କୋଟି ଟଙ୍କା ନିବେଶ କରାଯିବ। ଏଥି ସହିତ କମ୍ପାନୀ ଏକ ସବୁଜ ଶକ୍ତି ଉପକରଣ କାରଖାନାରେ ୫୦୦୦ କୋଟି ଟଙ୍କା ମଧ୍ୟ ନିବେଶ କରିବ। ଅନ୍ୟପକ୍ଷରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଖୋର୍ଦ୍ଧାରେ ୧୦୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସ୍ଥାପନରେ ୨୧୫୦ କୋଟି ଟଙ୍କା ନିବେଶ କରାଯିବ। ଟାଟା ଷ୍ଟିଲ୍ କଳିଙ୍ଗନଗରରେ ୭ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଏକ ଲୁହାପଥର ଗ୍ରାଇଣ୍ଡିଂ ୟୁନିଟ୍ ଓ ସ୍ଲରି ପାଇପ୍‌ଲାଇନ୍ ପ୍ରକଳ୍ପରେ ୩୩୨୯ କୋଟି ଟଙ୍କା ନିବେଶ କରିବ। ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଗଞ୍ଜାମରେ ଏକ ରସାୟନ କାରଖାନା ବସାଇବାରେ ୧୪୨୫ କୋଟି ଟଙ୍କା ଓ ତାଳଚେର ଗ୍ୟାସିଫାୟର ଆଣ୍ଡ କେମିକାଲ୍‌ସ ଏଲ୍‌ଏଲ୍‌ପି ତରଫରୁ ଢେଙ୍କାନାଳରେ ଏକ ରସାୟନ କାରଖାନାରେ ୧୭୫୦ କୋଟି ଟଙ୍କା ନିବେଶ କରାଯିବ। ଲିଓମ୍ୟାକ୍ସ ଟେକ୍ସଟାଇଲ୍ ପକ୍ଷରୁ କଳାହାଣ୍ଡିରେ ୧୨୦୦ କୋଟି ଟଙ୍କା ନିବେଶ କରାଯିବ। ଭଦ୍ରକରେ ଏକ ଟାୟାର ପ୍ରକଳ୍ପରେ ଚିରିପାଲ୍ ପଲି ଫିଲ୍ମସ ୧୧୨୫ କୋଟି ଟଙ୍କା ନିବେଶ କରିବ।

## ସହରାଞ୍ଚଳରେ ବନ୍ୟା ମୁକାବିଲା ଓ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନେଇ ଉଚ୍ଚସ୍ତରୀୟ ବୈଠକ

# ତୁରନ୍ତ ପଦକ୍ଷେପ ସହ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ



**ଭୁବନେଶ୍ୱର:** ସହରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଓ ବନ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରଶମନ ରଣନୀତି ସହ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଆଧୁନିକୀକରଣ ନେଇ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିଲେ ।

ବୈଠକରେ ରାଜ୍ୟ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବରବୀନ୍ଦ୍ର ସାହୁ, ଇଆଇସି , ପିଏଚ୍‌ଇଓ ବିଳାସ ବେହେରା ଓ ଓଡବ୍ଲ୍ୟୁଏସ୍‌ଏସବି ଇଆଇସି ଭାଗ୍ୟଧର ମହାନ୍ତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ବୈଠକରେ ଡିପିଆର ପ୍ରସ୍ତୁତି, ଅର୍ଥ ବ୍ୟବସ୍ଥା, ଦକ୍ଷତା ବିକାଶ, ବୈଷୟିକ ସହାୟତା ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ରାଜ୍ୟର ୬ଟି ମହାନଗର ନିଗମ ସହ ଅନ୍ୟ ପୌରାଞ୍ଚଳ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ସହରଗୁଡ଼ିକୁ ଏଥିରେ ପ୍ରାଥମିକତା ଦିଆଯାଇଥିଲା ।

ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଏକ ସ୍ୱଷ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀମତୀ ପାଢ଼ୀ ଗୁରୁତ୍ୱ ଦେଇଥିଲେ। ଆଗାମୀ ଅର୍ବାନ କନକ୍ଲେଭରେ ଏହି ବିଷୟକୁ ଆନୁଷ୍ଠାନିକ ଭାବେ ଆଲୋଚନାକୁ ନେଇ ବିଭିନ୍ନ ସଂସ୍ଥା ଓ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ସହରାଞ୍ଚଳରେ ଗ୍ରୀଷ୍ମ ପ୍ରବାହର ଅଧିକ ପ୍ରଭାବିତ ଅଞ୍ଚଳ ବା ହଟସ୍ପଟ୍‌ଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ପଦକ୍ଷେପ ନେବା ସହ ସମସ୍ତ ପୌରାଞ୍ଚଳ ପାଇଁ କିଛି ପଦକ୍ଷେପ ଚିହ୍ନଟ କରିବାକୁ ସେ କହିଥିଲେ । ଏଥିପାଇଁ କେଉଁ ପଦକ୍ଷେପ ତୁରନ୍ତ ନିଆଯାଇ ତାହା କାର୍ଯ୍ୟକାରୀ କରାଯାଇପାରିବ, ସେ ସମ୍ପର୍କରେ ସ୍ୱଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଶ୍ରୀମତୀ ପାଢୀ ପରାମର୍ଶ ଦେଇଥିଲେ । ଖରାଦିନ ପୂର୍ବରୁ ଏହା ମାଧ୍ୟମରେ ଜନସାଧାରଣଙ୍କୁ ଦୃଶ୍ୟମାନ ଆଶ୍ୱସ୍ତି ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଦୀର୍ଘମିଆଦୀ ପଦକ୍ଷେପ ଭାବେ ବନ ବିଭାଗ ସହ ସମନ୍ୱୟରେ ବୃକ୍ଷରୋପଣ ଓ ଅନ୍ୟାନ୍ୟ ପ୍ରକୃତିଭିତ୍ତିକ ପଦକ୍ଷେପ ନେବାକୁ ସେ କହିଥିଲେ । ଦକ୍ଷତା ବିକାଶ ପାଇଁ ଓଡ଼ିଶା ଅର୍ବାନ ଏକାଡେମୀ ମାଧ୍ୟମରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇପାରିବ । ଏଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ମଡ୍ୟୁଲ୍ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ ।

ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଅର୍ବାନ ପ୍ଲାନିଂ ସେକ୍ସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀମତୀ ପାଢୀ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇ ଓଡବ୍ଲ୍ୟୁଏସ୍‌ଏସ୍‌ବି ମାଧ୍ୟମରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ନିୟୋଜନର ବ୍ୟବସ୍ଥା କରାଯିବ । ବର୍ଷାଜଳ ପରିଚାଳନା କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତି ଓ ଆବଶ୍ୟକ ବୈଷୟିକ ସହାୟତା ପାଇଁ ଏକ ସ୍ୱତନ୍ତ୍ର ସେଲ୍ କିମ୍ବା ଉପଯୁକ୍ତ ପ୍ରତିଷ୍ଠାନଗତ ବ୍ୟବସ୍ଥା ଗଠନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ ।

ତୁରନ୍ତ, ମଧ୍ୟମ ଓ ଦୀର୍ଘମିଆଦୀ ପଦକ୍ଷେପଗୁଡ଼ିକୁ ସମାନ୍ତରାଳ ଭାବେ ଆଗେଇ ନେବା ସହ ଅନ୍ତଃ ବିଭାଗୀୟ ସମନ୍ୱୟ, ପ୍ରଭାବୀ କାର୍ଯ୍ୟାନ୍ୱୟନ ଓ ଆସନ୍ତା ଗ୍ରୀଷ୍ମ ପୂର୍ବରୁ ଜନସାଧାରଣଙ୍କୁ ଦୃଶ୍ୟମାନ ଆଶ୍ୱସ୍ତି ପ୍ରଦାନ ଉପରେ ସ୍ୱଷ୍ଟ ଧ୍ୟାନ ଦେବାକୁ ଶ୍ରୀମତୀ ପାଢ଼ୀ କହିଥିଲେ।

# ଧାନଚାଷ ଠାରୁ ମୁହଁ ଫେରାଉଛନ୍ତି ଚାଷୀ : କମିଛି ଧାନଚାଷ



**ଭୁବନେଶ୍ୱର:** ଚାଷୀମାନେ ଧାନଚାଷଠାରୁ ମୁହଁ ଫେରାଉଛନ୍ତି। ୨ବର୍ଷ ତୁଳନାରେ ୩.୨୪ଲକ୍ଷ ହେକ୍ଟର କମ୍ ଜମିରେ ଖରିଫ ଧାନଚାଷ କରାଯାଇଛି। ୩୦ଟି ଜିଲ୍ଲା ମଧ୍ୟରେ ମାତ୍ର ୭ଟି ଜିଲ୍ଲାରେ ଧାନଚାଷ ଗତବର୍ଷ ଅପେକ୍ଷା ଅଧିକ ହୋଇଥିବା ବେଳେ ୨୧ଜିଲ୍ଲାରେ ହ୍ରାସ ପାଇଛି ଏବଂ ୨ଟି ଜିଲ୍ଲାରେ ପୂର୍ବବର୍ଷ ଭଳି ସମାନ ପରିମାଣର ଚାଷ ହୋଇଛି।

ବିଧାୟକ ପ୍ରତାପ କେଶରୀ ଦେବଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଚଳିତ ମାସ ୧୯ତାରିଖ ସୁଦ୍ଧା ରାଜ୍ୟରେ ?ମୋଟ ୩ଲକ୍ଷ ୨୪ହଜାର ହେକ୍ଟର କମ୍ ଜମିରେ ଧାନଚାଷ ହୋଇଛି। ଏଥି ମଧ୍ୟରେ କେବଳ ଅନୁଗୋଳ ଓ ସମ୍ବଲପୁରରେ ଗତବର୍ଷ ଧାନଚାଷ ପରିମାଣ ସମାନ ଥିବା ବେଳେ ୭ଟି ଜିଲ୍ଲା ମଧ୍ୟରେ ବରଗଡ଼, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା ଓ ପୁରୀରେ ପୂର୍ବବର୍ଷ ଅପେକ୍ଷା ଅଧିକ ଧାନ ଚାଷ ହୋଇଛି। ଅବଶିଷ୍ଟ ୨୧ଟି ଜିଲ୍ଲାରେ ଧାନଚାଷ ଜମିର ପରିମାଣ ହ୍ରାସ ପାଇଛି। ୨୦୨୪-୨୫ ଓ ୨୦୨୫-୨୬ ଖରିଫ୍‌ରେ ଯଥାକ୍ରମେ ୩୭.୪୯ଲକ୍ଷ ହେକ୍ଟର ଓ ୩୯.୪୨ଲକ୍ଷ ହେକ୍ଟର ଧାନଚାଷ ହୋଇଥିବା ବେଳେ ଚଳିତ ବର୍ଷ ୩୬.୧୮ଲକ୍ଷ ହେକ୍ଟରକୁ ହ୍ରାସ ପାଇଛି। ଖରିଫ ଚାଷ ଚୁଡ଼ାନ୍ତ ରିପୋର୍ଟ ମିଳିଲେ ଏହି ପରିମାଣ ବୃଦ୍ଧି ପାଇବ ବୋଲି ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ବିଶେଷ କରି ଲଗାତାର ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଧାନମଣ୍ଡିରେ ଧାନ ବିକ୍ରି କରିନପାରି କ୍ଷତିଗ୍ରସ୍ତ ହେବା ସହିତ ନାହିଁନଥିବା ଯନ୍ତ୍ରଣା ଭୋଗ କରୁଥିବା ଚାଷୀମାନେ ଧାନଚାଷ ପ୍ରତି ବିମୁଖ ହେଉଛନ୍ତି ବୋଲି ବିରୋଧୀ ଦଳ କହିଛନ୍ତି। ଅପର ପକ୍ଷରେ ଧାନଚାଷ ପରିବର୍ତ୍ତେ ଅଣଧାନ ପନିପରିବା, ଡ଼ାଲିଜାତୀୟ ଓ ତୈଳ ଜାତୀୟ ଫସଲ ପ୍ରତି ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି। ଯାହା ଫଳରେ ଚାଷୀମାନେ ଧାନ ପରିବର୍ତ୍ତେ ଅଣଧାନ ଚାଷ ପ୍ରତି ଆଗ୍ରହ ବଢ଼ୁଛି ବୋଲି ବିଭିନ୍ନ ସମୟରେ କୃଷି ବିଭାଗ କହୁଛି। ତେବେ ଧାନଚାଷ ପ୍ରତି ଚଳିତ ବର୍ଷ ୧୦ ଭାଗ ହ୍ରାସ ପାଇବା ଘଟଣାର ସମୀକ୍ଷା କରି ଠିକ୍ ? କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକତା ରହିଛି ବୋଲି କୃଷିବିତ୍‌ମାନେ ମତ ଦେଇଛନ୍ତି।

## • ତାଣ୍ଡବ ରଚିଲା ଗଭୀର ଅବପାତ

# ଭାଙ୍ଗିଲା ବିଶାଳ ଗଛ, ଜଟଣୀ-ପିପିଲି ମୁଖ୍ୟ ରାସ୍ତା ଅବରୋଧ





ଭୁବନେଶ୍ୱର : ତାଣ୍ଡବ ରଚିଲା ଗଭୀର ଅବପାତ। ପବନରେ ଭାଙ୍ଗିଲା ବିଶାଳ ଗଛ। ଗଛ ପଡି ଜଟଣୀ ପିପିଲି ମୁଖ୍ୟ ରାସ୍ତା ଅବରୋଧ। ୨ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଗାଡି ଚଳାଚଳ ବନ୍ଦ। ଲାଗିଛି ଲମ୍ବା ଲାଇନ। ଓଡ୍ରାଫ ଟିମ୍ ପହଞ୍ଚି ଗଛ ହଟାଇବାକୁ ଚେଷ୍ଟା ଜାରି ରଖିଛନ୍ତି । ସେପଟେ ଲଘୁଚାପ ଯୋଗୁ ପ୍ରବଳ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି। ଆଜି ଭିଷଣ ବର୍ଷା ନେଇ ୪ ଜିଲ୍ଲା -କୋରାପୁଟ, ମାଲକାନାଗିରୀ, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାକୁ ରେର୍ଡ ଆଲର୍ଟ ଜାରି ହୋଇଛି। ଏସବୁ ଜିଲ୍ଲାରେ ଅତ୍ୟନ୍ତ ଭାରୀ ବର୍ଷା ସହ ୨୦ ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଅଞ୍ଚଳରେ ବଜ୍ରପାତ ସହିତ ଝଡ଼ ଓ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପ୍ରବଳ ପବନ ମଧ୍ୟ ବହିବ। ପ୍ରବଳ ବର୍ଷା ନେଇ ଆଜି ୧୧ ଜିଲ୍ଲାକୁ ଅରେଞ୍ଜ ଆର୍ଲଟ ଜାରି ହୋଇଛି। ବରଗଡ଼, ବଲାଙ୍ଗିର, ସୋନପୁର, ବୌଧ, କନ୍ଧମାଳ, ରାୟଗଡ଼, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ବିଚ୍ଛିନ୍ନ ଭାବେ ଭାରୀରୁ ଅତି ଭାରୀ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୨ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏସବୁ ଜିଲ୍ଲାଗୁଡିକ ହେଉଛି ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର। ଏସବୁ ଜିଲ୍ଲାରେ ବିଚ୍ଛିନ୍ନ ଭାବେ ଭାରୀ ବର୍ଷା ହେବାର ସମ୍ଭାବନା ରହିଛି। କିଛି ସ୍ଥାନରେ ବଜ୍ରପାତ ଓ ହାଲୁକା ପବନ ମଧ୍ୟ ବହିପାରେ।

# କଟକ ପନିର ଟେଷ୍ଟ ରିପୋର୍ଟ : ମଇଦା ଓ ଡିଟରଜେଣ୍ଟ ମିଶ୍ରଣ !

**କଟକ :** ପଦାରେ ପଡ଼ିଲା 'ପନିର' ସତ । ଟେଷ୍ଟ୍ ରିପୋର୍ଟରୁ ସାଂଘାତିକ ତଥ୍ୟ। 'ଖାଦ୍ୟ ଅନୁପଯୁକ୍ତ' ଜବତ ପନିର । କଟକରୁ ଜବତ ହୋଇଥିବା ପନିର ଖାଦ୍ୟ ଉପଯୋଗୀ ନୁହେଁ। ଗତ ମାସ କଟକରେ ଜବତ ହୋଇଥିଲା ୭୦ କୁଇଣ୍ଟାଲରୁ ଅଧିକ ପନିର । ଏହି ପନିର ନିଆଳିରୁ ଆସିଥିଲା । ଜବତ ପନିର ନମୁନାକୁ ହରିୟାଣାର ଏକ ଲ୍ୟାବ୍‌କୁ ଯାଞ୍ଚ ପାଇଁ ପଠାଯାଇଥିଲା। ଆଉ ସେଥିରୁ ଯାହା ଜଣାପଡ଼ିଲା, ତାହା ଆଖି ତରାଟିଦେଲା ଭଳି ।

ଯାହା ଆଶଙ୍କା କରାଯାଉଥିଲା, ତାହା ହିଁ ସତ । ଟେଷ୍ଟ ରିପୋର୍ଟରେ ସ୍ୱଷ୍ଟ ଦର୍ଶାଯାଇଛି, ନିଆଳିରୁ ଆସିଥିବା ଏହି ପନିର ଖାଦ୍ୟ ଅନୁପଯୁକ୍ତ । ପନିରରେ ମିଶିଥିଲା ମଇଦା ଓ ଡିଟରଜେଣ୍ଟ। ପନିରକୁ ଅଧିକ ନରମ କରିବା ପାଇଁ ମିଶୁଥିଲା ଅଖାଦ୍ୟ । ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ । ଲ୍ୟାବ୍ ରିପୋର୍ଟକୁ ଫୁଡ୍ ସେଫ୍‌ଟି କମିସନରଙ୍କ ହସ୍ତଗତ ହୋଇଛି । ନିର୍ଦ୍ଦେଶ ଆସିଲେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ। ଗତମାସ







ପନିର ଧରପଗଡ଼କୁ ନେଇ ଉଠିଥିଲା ପଡ଼ିଥିଲା ରାଜ୍ୟ ।

ପନିର ଦେଖିଲେ ମନକୁ ଆସୁଥିଲା, ଏହା ଭେଜାଲ୍ ହୋଇନଥିବ ତ ? ଛେନା ଓ ପନିର ପାଇଁ ପ୍ରସିଦ୍ଧ ନିଆଳିରେ ଯଦି କିଛି ବେପାରୀ ଏଭଳି ଅଖାଦ୍ୟ ଅପମିଶ୍ରଣ କରୁଛନ୍ତି, ଅନ୍ୟ ଜାଗାରୁ ଆସୁଥିବା ପନିର କେତେ ବିଶୁଦ୍ଧ ହୋଇଥିବ ? ତେବେ ଟେଷ୍ଟ୍ ରିପୋର୍ଟ ହାତରେ ଲାଗିବା ପରେ ପ୍ରଶ୍ନ ଉଠୁଛି, ଏଭଳି ପନିର ଅପମିଶ୍ରଣକାରୀଙ୍କ ବିରୋଧରେ ହେବ ତ କଠୋର କାର୍ଯ୍ୟାନୁଷ୍ଠାନ କେବଳ ଭେଜାଲ୍ ପନିର ତିଆରି କରୁଥିବା ଲୋକ ଦଣ୍ଡିତ ହେବେ? ନା ଏହାକୁ ବଜାରକୁ ଛାଡୁଥିବା ଓ ବିକୁଥିବା ଲୋକ ବି ଦଣ୍ଡ ପାଇବେ ? ଭେଜାଲ୍ ପନିର ଉପରେ କେବେ ଲାଗିବ ରୋକ୍ ଏହାକୁ କେମିତି ରୋକିବେ ସରକାର ?

# କେଜିରୁ ପିଜି ମାଗଣା ଶିକ୍ଷା: ଆର୍ଥିକ ସଙ୍କଟରେ ଝାରସୁଗୁଡ଼ାର କଲେଜ

ଝାରସୁଗୁଡା : କେଜିରୁ ପିଜି ମାଗଣା ଶିକ୍ଷାର କଳା ଦିଗ । ଆର୍ଥିକ ସଂକଟ ସହ ଯୁଝୁଛନ୍ତି ବହୁ କଲେଜ । ସରକାରଙ୍କ କେଜିରୁ ପିଜି ମାଗଣା ଶିକ୍ଷା ଯୋଜନା ଝାରୁସୁଗଡ଼ାର ବହୁ ମହାବିଦ୍ୟାଳୟକୁ ଆର୍ଥିକ ସଂକଟ ଭିତରକୁ ଠେଲି ଦେଇଛି। ସରକାରଙ୍କ ଘୋଷଣା ପରେ ପିଲାଙ୍କ ଠାରୁ ଫି ନିଆଯାଉନି। ସରକାରୀ ଅନୁଦାନ ଆସିବାରେ ବି ବିଳମ୍ବ ହେଉଛି। ଏହାର ସିଧା ପ୍ରଭାବ ପଡୁଛି କଲେଜ୍‌ର ରକ୍ଷଣାବେକ୍ଷଣ ଓ ମ୍ୟାନେଜମେଣ୍ଟ ଷ୍ଟାଫ୍‌ଙ୍କ ଦରମା ଉପରେ । ପୂର୍ବରୁ ପିଲାଙ୍କଠାରୁ ବାର୍ଷିକ ୫ରୁ ୬ ହଜାର ଟଙ୍କା ଫି ନିଆଯାଉଥିଲା। ସେହି ଟଙ୍କାରେ କଲେଜ ଷ୍ଟାଫଙ୍କ ଦରମା, ଇପିଏଫ, ବିଦ୍ୟୁତ ବିଲ୍, ଉନ୍ନୟନ କାମ କରାଯାଉଥିଲା। କିଛି ମହାବିଦ୍ୟାଳୟର ନିଜସ୍ୱ ପାଣ୍ଠି ଅଛି, କିନ୍ତୁ ଅନୁଦାନ ଆସିବାରେ ବିଳମ୍ବ ହେଲେ ସେହି ପାଣ୍ଠି ବି ସରିଯିବା ଆଶଙ୍କା ରହିଛି । ଝାରସୁଗୁଡ଼ାର କଲେଜ୍‌ଗୁଡ଼ିକର ଆର୍ଥିକ ସଂକଟ ଓ କଲେଜ ଚଳାଇବା ଚାପ ଦେଇ ଗତି କରୁଛନ୍ତି । ସେପଟେ ମହାବିଦ୍ୟାଳୟଗୁଡ଼ିକ ଆର୍ଥିକ ଚାପରେ ଥିବା ନେଇ ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି କହିଛନ୍ତି ଉପଜିଲ୍ଲାପାଳ। ତଥାପି ନିଜ ଆଡୁ ଯାଞ୍ଚ କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି । ଝାରସୁଗୁଡ଼ାରେ ଗୋଟିଏ ବି ସରକାରୀ କଲେଜ ନଥିବା ବେଳେ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାର ଭରସା ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ, ଅନୁଦାନପ୍ରାପ୍ତ କଲେଜ ଓ ବ୍ଲକ୍ ଗ୍ରାଣ୍ଟ କଲେଜ୍। ଗୋଟିଏପଟେ ପିଲାଙ୍କ ଠାରୁ ଫି ଆଦାୟ ନକରିବାକୁ ନିର୍ଦ୍ଦେଶ ଅନ୍ୟପଟେ ଅନୁଦାନ ଅଭାବର ଅଦୃଶ୍ୟ ଚାପ। ଏହି ଦୁଇଟି ଭିତରେ ପେଶି ହେଉଛି ଝାରସୁଗୁଡ଼ାର ଉଚ୍ଚଶିକ୍ଷା ବ୍ୟବସ୍ଥା।

# ଅନେକ ତୁକାରାମ

ତୁକାରାମଙ୍କ ଅବିଭାଜ୍ୟ ସାଧୁତା ଓ ନିର୍ଭୀକତାର ପ୍ରମାଣ ସ୍ୱରୂପ ଦର୍ଶାଯାଉଛି ଯେ ସେ ୨୫ ବର୍ଷର ଚାକିରି ଅବଧିରେ ୨୭ ଥର ବଦଳିର ସମ୍ମୁଖୀନ ହୋଇଛନ୍ତି; ଯଦିଓ ପ୍ରକୃତ ପକ୍ଷେ ଏହା ହେଉଛି ଭାରତୀୟ ପ୍ରାଶାସନିକ ବ୍ୟବସ୍ଥା ପ୍ରତି ଏକ ଭର୍ତ୍ସନା, ଯେଉଁଠି କର୍ତ୍ତବ୍ୟ-ନିଷ୍ଠା ଦଣ୍ଡିତ ହୋଇଥାଏ।

ମହାରାଷ୍ଟ୍ର କ୍ୟାଡରର ଯେଉଁ ମରାଠୀ ଆଇ.ଏ.ଏସ. ଅଧିକାରୀଙ୍କ ସୁନାମ ଓ ଲୋକପ୍ରିୟତା, ତାଙ୍କ ରାଜ୍ୟର ସରହଦ ଅତିକ୍ରମ କରି ଦେଶବ୍ୟାପୀ ହେଲାଣି, ସେ ହେଉଛନ୍ତି ତୁକାରାମ ମୁଣ୍ଡେ, ମହାରାଷ୍ଟ୍ରର 'ଫୁଡ ସେଫଟି କମିସନର'। ଖାଦ୍ୟରେ ଅପମିଶ୍ରଣ, ବାସି ଖାଦ୍ୟ ଦ୍ରବ୍ୟର ବିକ୍ରି ଏବଂ ଖାଦ୍ୟ_ସ୍ତୁତି ତଥା ପରିବେଷଣ ବେଳେ ଅପରିଚ୍ଛନ୍ନତାର ଅଣଦେଖା ଆଦି ଭଳି କାରଣରୁ ସର୍ବତ୍ର ଅପବାଦର ଶିକାର ହେଉଥିବା ଆମ ଦେଶରେ ସଂପ୍ରତି ତୁକାରାମ ଜଣେ ପଥ ପ୍ରଦର୍ଶକ ରୂପେ ଆବିର୍ଭୂତ ହୋଇଛନ୍ତି।

କହିବା ଅନାବଶ୍ୟକ ଯେ ଦେଶର ବିଭିନ୍ନ ସ୍ଥାନରେ ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଖାଦ୍ୟ ଅପମିଶ୍ରଣ ଓ ବାସି ଖାଦ୍ୟ ଦ୍ରବ୍ୟର ବିକ୍ରୟ ଆଦିକୁ ନେଇ ତନଖି ଓ ଚଢ଼ାଉ ଇତ୍ୟାଦି କରାଯାଇଥାଏ, ଯାହାର ଶରବ୍ୟ ପ୍ରାୟତଃ ହୁଅନ୍ତି ଛୋଟ ହୋଟେଲ ବା ରେସ୍ତୋରାଁ ଅଥବା ରାସ୍ତା କଡ଼ରେ ଖାଦ୍ୟ ବିକୁଥିବା ଠେଲା କିମ୍ବା ତଜ୍ଜାତୀୟ ଦୋକାନ। ସେହି ଦୃଷ୍ଟିରୁ ତୁକାରାମ ଦୃଷ୍ଟାନ୍ତ ସ୍ଥାପନକାରୀ, କାରଣ ତାଙ୍କ ଛଆଣ ଦୃଷ୍ଟି ଓ ଲୌହ ମୁଷ୍ଟିର ଶରବ୍ୟ ହୋଇଛନ୍ତି ଅତ୍ୟନ୍ତ ଦାମୀ, ଖ୍ୟାତନାମା ଓ ବିଳାସପୂର୍ଣ୍ଣ ରେସ୍ତୋରାଁ, ହୋଟେଲ ଓ କ୍ଲବ୍‌ମାନ, ଯେଉଁମାନେ ସାଂଭ୍ରାନ୍ତ୍ୟ, ସୁନାମ ଓ ସେମାନଙ୍କ କାରବାରର ସୁଦୀର୍ଘ ପରଂପରା ହେତୁ, ସର୍ବଦା ସନ୍ଦେହର ସଂପୂର୍ଣ୍ଣ ଉର୍ଦ୍ଧ୍ୱରେ ହିଁ ରହି ଆସିଥିଲେ। ସୁତରାଂ, ସେ ଦର୍ଶାଇ ଦେବାକୁ ଚାହିଁଥାଆନ୍ତି ଯେ ଖାଦ୍ୟ ଦ୍ରବ୍ୟ ମାମଲାରେ ପୁରୁଣା ଓ ଯଶସ୍ୱୀ ବ୍ରାଣ୍ଡଗୁଡ଼ିକୁ ମଧ୍ୟ ମୁଦ୍ରିତ ଚକ୍ଷୁରେ ବିଶ୍ୱାସ କରିଯିବା ହେଉଛି ଧୃଷ୍ଟତା।

ବିଡ଼ମ୍ବନାଟି ହେଲା, ପ୍ରକ୍ରିୟାକୃତ, ପୋଡ଼ା ତେଲରେ ଛଣା ଓ ପ୍ୟାକେଟରେ ବିକ୍ରି କରାଯାଉଥିବା ବିସ୍କୁଟ ବା କେକ ଭଳି ଅନେକ ଖାଦ୍ୟ ସ୍ୱାସ୍ଥ୍ୟ ଲାଗି ଅହିତକର ବୋଲି ଅପନିନ୍ଦିତ ହୋଇ ସଚେତନ ଗ୍ରାହକଙ୍କ ଠାରୁ ଦୂରେଇବାକୁ ଲାଗିଥିଲା ବେଳେ ବଜାରରେ ଉପଲବ୍ଧ, ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ରୂପେ ସର୍ବଗ୍ରାହ୍ୟ, ଦୁଗ୍ଧ ଓ ପନିର ବା ଗୁଆ ଘିଅ ଭଳି ଦୁଗ୍ଧଜାତ ଦ୍ରବ୍ୟ ହେଉଛନ୍ତି ପ୍ରାୟତଃ ଅପମିଶ୍ରିତ, ଅନେକ ସ୍ଥଳେ ସଂପୂର୍ଣ୍ଣ ରୂପେ ଭୋଜନ ଅଯୋଗ୍ୟ ଏବଂ ସ୍ୱାସ୍ଥ୍ୟ ଲାଗି ଅତ୍ୟନ୍ତ ମାରାତ୍ମକ। କହିବା ବାହୁଲ୍ୟ, ହୋଟେଲ ଓ ରେସ୍ତୋରାଁରେ ପରଷା ଯାଉଥିବା ପନିର ପ୍ରାୟତଃ ହୋଇଥାଆନ୍ତି 'ଆନାଲଗ ପନିର', ଯାହାକୁ ପାମୋଲିନ ତେଲ, ମଇଦା, ଷ୍ଟାର୍ଚ୍ଚ ଓ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ସାହାଯ୍ୟରେ ଅତି ଶସ୍ତାରେ ପ୍ରସ୍ତୁତ କରାଯାଏ। ସିଧାସଳଖ ହିସାବ କହେ ଯେ କେଜିଏ ଛେନା ବା ପନିର ତିଆରି ଲାଗି କଞ୍ଚା ମାଲ ରୂପେ ଆବଶ୍ୟକ କେବଳ ଦୁଗ୍ଧର ବଜାର ମୂଲ୍ୟ ହେବ ୧୫୦ରୁ ୨୦୦ ଟଙ୍କା। ଏଭଳି ସ୍ଥଳେ ପ୍ରସ୍ତୁତି, ପ୍ରକ୍ରିୟାକରଣ ଓ ପରିବହନ ଖର୍ଚ୍ଚକୁ ମିଶାଇ ଯଦି କିଲୋ ପିଛା ୧୫୦ରୁ ୨୦୦ ଟଙ୍କା ମୂଲ୍ୟରେ ବଜାରରେ ପନିର ମିଳେ, ତେବେ ସହସା ହୃଦ୍‌ବୋଧ ହୋଇଯିବା ଉଚିତ ଯେ ତାହା ଅପମିଶ୍ରିତ। ସୁଖର କଥା, ତୁକାରାମଙ୍କ କାର୍ଯ୍ୟାନୁଷ୍ଠାନ ପରେ ଅନ୍ତତଃ ସେହି ସଚେତନତା ସଂପ୍ରସାରିତ ହୋଇଛି।

ଏବେ ତୁକାରାମଙ୍କ ଦୃଷ୍ଟିରେ ଆମେ ସମସ୍ତେ ନିଜ ଗୃହର ପାକଶାଳା ଆଡ଼କୁ ଟିକିଏ ଧ୍ୟାନ ଦେବା, ଯେଉଁଠି ଜନନୀମାନେ ସରାଗ ଓ ନିଷ୍ଠାର ସହିତ ପରିବାର ଲାଗି ସ୍ୱର୍ଗୀୟ ସ୍ୱାଦର ବ୍ୟଞ୍ଜନ ପ୍ରସ୍ତୁତିରେ ମଜ୍ଜି ଥାଆନ୍ତି। ଏବେ ସେମାନେ ମଧ୍ୟ ଦେଖିବା ଉଚିତ ଯେ ସେମାନଙ୍କ ନିକଟରେ ଉପଲବ୍ଧ ଉପାଦାନମାନ ନିର୍ଭେଜାଲ ତ ? ସେମାନଙ୍କ ପାକଶାଳାର ପରିବେଶ ପରିଚ୍ଛନ୍ନ ଓ ମୂଷା ବା ଅସରପା ମୁକ୍ତ ତ ? ଯାହା ସେମାନେ ପ୍ରସ୍ତୁତ କରୁଛନ୍ତି, ତାହା ସ୍ୱାସ୍ଥ୍ୟ ସକାଶେ ହିତକର ତ ? ଏଭଳି ପ୍ରଶ୍ନଗୁଡ଼ିକ ଜାଗ୍ରତ ହେଲେ ଆମେ ଦେଖିବା ଯେ କେବଳ ସରକାରୀ ବିଭାଗରେ ନୁହେଁ, ବଜାରରେ କ୍ରେତା, ପାକଶାଳାରେ ପ୍ରସ୍ତୁତକର୍ତ୍ତା ଏବଂ ଘରେ ଭୋକ୍ତାମାନଙ୍କ ଭିତରେ ମଧ୍ୟ ଅନେକ ତୁକାରାମ ସୃଷ୍ଟି ହୋଇଯାଇଛନ୍ତି।

# ବିଶ୍ୱାସ, ଅବିଶ୍ୱାସ, ଅନ୍ଧବିଶ୍ୱାସ

ଡଃ ମୃଣାଳ ଚାଟାର୍ଜୀ

ବିଶ୍ୱାସ ହେଲା ଜଣଙ୍କ ଉପରେ କିମ୍ବା କୌଣସି ବ୍ୟକ୍ତି, ବସ୍ତୁ, ଭାବନା ଉପରେ ଭରସା । ଏ ଭରସାର ନାନା ପ୍ରକାର ଭିତ୍ତି ହୋଇପାରେ। ଭିତ୍ତି ହୋଇପାରେ ଧାର୍ମିକ ବା ସାଂସ୍କୃତିକ ଅଥବା ହୋଇପାରେ ନିଜର ଅଭିଜ୍ଞତା ପ୍ରସୂତ । ଉଦାହରଣସ୍ୱରୂପ, ଆମ ଭିତରୁ ଅନେକ ଭଗବାନଙ୍କୁ ବିଶ୍ୱାସ କରନ୍ତି, ତା' ର ଏକ ଧାର୍ମିକ, ଅନ୍ଧ–ସାଂସ୍କୃତିକ ଭିତ୍ତି ରହିଛି। ପାରିବାରିକ ପ୍ରେକ୍ଷାପଟ୍ଟ ବି ଏ ପ୍ରକାର ଭରସା ତିଆରିରେ ସହାୟକ ହୋଇପାରେ। ଅନେକେ କୌଣସି ବାବା ବା ମାତାଙ୍କୁ ବିଶ୍ୱାସ କରନ୍ତି, ତା'ର କୌଣସି ବ୍ୟକ୍ତିଗତ ଅଭିଜ୍ଞତାର ପ୍ରେକ୍ଷାପଟ୍ଟ ଥାଇପାରେ।

ବିଶ୍ୱାସରେ ଲଜିକ୍ ବା ତର୍କର ନିଅଁଟିଏ ଥାଏ। ଅନ୍ଧବିଶ୍ୱାସରେ ସେ ନିଅଁଟି ନଥାଏ। ବିଶ୍ୱାସ ଯେତେବେଳେ ଲଜିକ୍ ବା ତର୍କର ନିଅଁରେ ନୁହେଁ କେବଳ ଏକ ଧାରଣାକୁ ଜାବୁଡ଼ି ବଞ୍ଚେ, ସେତେବେଳେ ତାହା ଅନ୍ଧବିଶ୍ୱାସ ପାଲଟି ଯାଏ। ଅନ୍ଧବିଶ୍ୱାସରେ ମଣିଷ ଯେକୌଣସି ପରିସ୍ଥିତିରେ ଅନ୍ୟ ସବୁ ଭାବନା, ଚେତନା, ଯୁକ୍ତିକୁ ଆଡ଼େଇ ଦେଇ ତାର ଧାରଣାକୁ ଜାବୁଡ଼ି ଧରି ରଖେ ।

କିଛି ଅନ୍ଧବିଶ୍ୱାସ ଅଛି ଯାହା ଅନ୍ୟର କ୍ଷତି କରେ ନାହିଁ। କେତେକ ବିଶ୍ୱାସ କରନ୍ତି କିଛି ଜିନିଷ ହଜିଯାଇଥିଲେ, କାନିରେ ବା ରୁମାଲ୍‌ରେ ଗଣ୍ଠି ପକାଇ ରଖିଲେ, ସେ ଜିନିଷ ମିଳିଯିବ। କେତେବେଳେ ଏହା ସତ ହୋଇଯାଏ। ଏ ସତ୍ୟର ଏକ ବୈଜ୍ଞାନିକ ଭିତ୍ତି ବି ରହିଛି। ତାହା ହେଲା, ଯଦି ଆପଣ ବିଶ୍ୱାସ କରନ୍ତି କାନିରେ ଗଣ୍ଠି ପକାଇ ରଖିଦେଲେ ହଜିଲା ଜିନିଷଟି ମିଳିଯିବ, ତେବେ ଆପଣ ସଂଶୟମୁକ୍ତ ଭାବରେ ଜିନିଷଟିକୁ ଖୋଜରି। ଜିନିଷଟି ଖୋଜିବାକୁ ଆହୁରି ମନୋନିବେଶ କରିପାରନ୍ତି। ଯାହା ଫଳରେ ଅନେକ ସମୟରେ ଜିନିଷଟି ମିଳିଯାଏ । ସମାନ କଥା ପରୀକ୍ଷାରେ ପାସ୍ କରେଇ ଦେବା ପାଇଁ ଠାକୁରଙ୍କୁ ନଡ଼ିଆ ଯାଚିବା।

ପିଲାଙ୍କ କ୍ଷେତ୍ରରେ ମଧ୍ୟ କୁହାଯାଇପାରେ। ଆଉ ଯେତେବେଳେ ଖୋଜିଲା ଜିନିଷ ମିଳିଯାଏ ବା ପିଲାଟି ପାସ୍ କରିଯାଏ – ସେବେ କାନିର ଗଣ୍ଠି ଏବଂ ମାନସିକ ନଡ଼ିଆ ଉପରେ ବିଶ୍ୱାସ ଆହୁରି ବଢ଼ିଯାଏ । ସିଏ ଯେତେବେଳେ ୫ ଜଣଙ୍କୁ କଥା କହେ, ସେମାନଙ୍କ ବିଶ୍ୱାସ ମଧ୍ୟ ସୃଷ୍ଟି ହୁଏ।

ହେଲେ ଏ ବିଶ୍ୱାସ ଯେତେବେଳେ ଏତେ ଦୂର ଦୃଢ଼ ହୋଇଯାଏ- ପିଲାଟି ପାଠ ନପଢ଼ି ମାନସିକ ନଡ଼ିଆ ଭରସାରେ ପାସ୍ କରିଯିବ ବୋଲି ଭାବେ ବା ଜଣେ ହଜିଲା ଜିନିଷକୁ ନିଜେ ନ ଖୋଜି କାନିର ଗଣ୍ଠି ଉପରେ ଭରସା କରି ବସିଯାଏ – ସେ ଅବସ୍ଥାରେ ବିଶ୍ୱାସ ଅନ୍ଧବିଶ୍ୱାସରେ ପରିଣତ ହୁଏ।

ସଚିନ ତେନ୍ଦୁଲକର ବ୍ୟାଟିଂ କରିବା ପୂର୍ବରୁ ଆଗ ବାଁ ଗୋଡ଼ରେ ପ୍ୟାଡ୍ ପିନ୍ଧୁଥିଲେ। ମହେନ୍ଦ୍ର ଅମରନାଥ ତାଙ୍କ ପକେଟରେ ଗୋଟେ ନାଲି ରୁମାଲ ରଖୁଥିଲେ । ଏହା ସେମାନଙ୍କୁ ଭଲ ପ୍ରଦର୍ଶନ କରିବେ ବୋଲି ମାନସିକ ସ୍ତରରେ ଏକ ବିଶ୍ୱାସ ଯୋଗାଇ ଥାଇପାରେ। ଯାହା ଫଳରେ ସେମାନଙ୍କ ମନୋବଳ ବଢ଼ିଥାଇପାରେ। କିନ୍ତୁ ଜଣେ ଉପଯୁକ୍ତ ଅଭ୍ୟାସ ବା ପରିଶ୍ରମ ନକରି ବାଁ ଗୋଡ଼ରେ ପ୍ୟାଡ଼ ପିନ୍ଧି କିମ୍ବା ପକେଟରେ ନାଲି ରୁମାଲ ରଖି ଯଦି ଭାବେ ସେ ତେନ୍ଦୁଲକର କିମ୍ବା ଅମରନାଥଙ୍କ ଭଳି ଖେଳିପାରିବ, ତାହା କ'ଣ ସମ୍ଭବ ଯୁକ୍ତି କହୁଛି, ନା। ହେଲେ ଜଣେ ଯଦି ଏହା ନିଶ୍ଚୟ ହୋଇପାରିବ ବୋଲି କହେ- ସେତେବେଳେ ତାହା ହେଲା ଅନ୍ଧବିଶ୍ୱାସ। ବିଶ୍ୱାସ ଭଲ, ଏହା ମଣିଷକୁ ତା' ନିଜ କାମରେ ଅଧିକ ଫୋକସ୍ କରିବାକୁ ପ୍ରେରଣା ଯୋଗାଏ। ଅନ୍ଧବିଶ୍ୱାସ ଖରାପ, ତାର କାରଣ, ସେ ସମ୍ପୂର୍ଣ୍ଣ ଅଯୌକ୍ତିକ ଭାବରେ ଆଉ କାହା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରି ବସେ। ବେଶ୍ କିଛି ବିଶ୍ୱାସର ଐତିହାସିକ ଏବଂ ସାଂସ୍କୃତିତ ପ୍ରେକ୍ଷାପଟ୍ଟ ରହିଛି। ସଂସ୍କୃତି ଭେଦରେ ଏ ବିଶ୍ୱାସର କ୍ରିୟା ମଧ୍ୟ ଭିନ୍ନ। କରୋନା କାଳରେ ଅନେକ କରୋନାକୁ ଦେବୀ ବୋଲି ପୂଜା କଲେ ଏବଂ ବିଶ୍ୱାସ କଲେ ଯେ ପୂଜା ପାଇଲେ କରୋନା ଦେବୀ ସମ୍ପୃକ୍ତ ଅଂଚଳ ଛାଡ଼ି ଖୁଲିଯିବେ। ଏ ବିଶ୍ୱାସ ସହିତ ଅତୀତରେ ହଇଜା, ବସନ୍ତ ଆଦି ମହାମାରୀ ସମୟର ସମ୍ପର୍କ ରହିଛି। ପାଣିବସନ୍ତ ଯେତେବେଳେ ମହାମାରୀ ଥିଲା, ସେତେବେଳେ ଶୀତଳାଦେବୀଙ୍କୁ ପୂଜା କରାଯାଉଥିଲା। ନିମ ଆଉ ହଳଦୀର ବ୍ୟାପକ ପ୍ରୟୋଗ କରାଯାଉଥିଲା ଶୀତଳା ପୂଜାରେ।

ଲକ୍ଷ୍ୟ କରନ୍ତୁ ଉଭୟ ନିମ ଆଉ ହଳଦୀରେ ଜୀବାଣୁ ମାରିବାର ଏବଂ ଦେହ ଭିତରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େଇବାର ଔଷଧୀୟ ଗୁଣ ରହିଛି। ତେଣୁ ଶୀତଳାପୂଜା ଯଦି ରୋଗୀକୁ ଭଲ କରିବାର ଏକ କାର୍ଯ୍ୟକାରୀ ଉପାୟ ଭାବରେ ଗ୍ରହଣ କରାଯାଏ ଏବଂ ଏହାର ନୀତି କାନ୍ତରେ ତାର ପ୍ରତିଫଳନ ଘଟେ, ତେବେ ଭଲ। କିନ୍ତୁ ତାକୁ ଭୁଲି ଶୀତଳା ମାତା, କରୋନା ମାତା ରୋଗ ଭଲ କରିଦେବେ ବୋଲି ବସିପଡ଼ିବା ଏବଂ ଯାହା କରିବା କଥା ନୁହେଁ ତାକୁ କରିବା ହେଲା ଅନ୍ଧବିଶ୍ୱାସ। ବିଶ୍ୱାସୀ ହେବା ଭଲ। ଏହା ଲୋକକୁ ସକାରାତ୍ମକ କରେ। ଆଉ ସକାରାତ୍ମକ ବିଶ୍ୱାସ

ମଣିଷର ଶରୀର ଉପରେ ପ୍ରଭାବ ପକେଇ ପାରେ। ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ କ୍ରମଶଃ ଏହାକୁ ସ୍ୱୀକାର କରୁଛି। ଅନେକ ସମୟରେ ଦେଖାଯାଇଛି ଜଣେ ରୋଗୀକୁ ଯଦି ଔଷଧ ବୋଲି ନିର୍ଗୁଣ ବଟିକା। ଇଂଜେକ୍ସ ନ (ଇଂରାଜୀରେ ଏହାକୁ ପ୍ଲାସେବୋ ବୋଲି କହନ୍ତି । ଦିଆଯାଉଛି ଏବଂ ରୋଗୀ ତାକୁ ବିଶ୍ୱାସ କରି ନଉଛି- ତେବେ କେତେକ କ୍ଷେତ୍ରରେ

# ନେତାଙ୍କର ଅବସର କେବେ ?

ଆମର ଏ ମହାନ୍ ଦେଶର ନେତା କଦାପି ଅବସର ନିଅନ୍ତି ନାହିଁ। ଏମାନେ ପଦ ବା ଗାଦି କେବେହେଲେ ଛାଡ଼ିବାକୁ ଚାହାଁନ୍ତି ନାହିଁ। ବୟସ ଯେତେ ହୋଇଥାଉ ପଛକେ, ରାଜନୀତିରୁ ବାହାରେ ରହିବା ଏମାନଙ୍କୁ ଭଲ ଲାଗେନାହିଁ। କିଛି ନେତା କାଳକ୍ରମେ ଅପ୍ରାସଙ୍ଗିକ ହୋଇଯାଆନ୍ତି ତ ଆଉ କିଛି ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରାଜନୀତିରେ ସକ୍ରିୟ ରହିଥାନ୍ତି। ଏ ପ୍ରସଙ୍ଗରେ ଜୟପ୍ରକାଶ ନାରାୟଣ ଓ ନାନାଜୀ ଦେଶମୁଖ ଆଦି କିଛି ନେତା ହେଲେ ବ୍ୟତିକ୍ରମ। ଏମାନେ ନିଜ ଇଛା ଅନୁସାରେ ରାଜନୀତିରୁ ବିଦାୟ ନେଇଥାନ୍ତି। କିଛି ମାସ ପୂର୍ବେ କଂଗ୍ରେସ୍ ପ୍ରମୁଖ ମଲ୍ଲିକାର୍ଜୁନ ଖଡ଼୍‌ଗେ ପୂର୍ବ ଗୃହମନ୍ତ୍ରୀ ସୁଶୀଲ କୁମାର ସିନ୍ଧେଙ୍କର ଆତ୍ମଚରିତ ଉନ୍ମୋଚନ ଅବସରରେ ଭାଷିଥିଲେ, "ମୋତେ ଲାଗୁନି ଯେ କୌଣସି ନେତାଙ୍କୁ ରାଜନୀତିରୁ ରିଟାୟର୍ ହେବା ଉଚିତ। ଯେଉଁମାନେ କୌଣସି ବିଚାରଧାରାରେ ବିଶ୍ୱାସ ରଖନ୍ତି, ଯେଉଁମାନେ ରାଷ୍ଟ୍ରର ସେବା, ସମାଜର ସେବା କରିବାକୁ ଚାହାଁନ୍ତି, ସେମାନେ ସାରା ଜୀବନ ଏହା କରିବା ଉଚିତ।"

କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନେତା ରାଷ୍ଟ୍ରର ଭବିଷ୍ୟତକୁ ରୂପ ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଏମାନଙ୍କର ନିର୍ଣ୍ଣୟ ଓ ଅବଦାନ କୋଟି-କୋଟି ଲୋକଙ୍କର ନିୟତିକୁ ପ୍ରଭାବିତ କରିଥାଏ। ଏପରି ଅବସ୍ଥାରେ ଏମାନଙ୍କ ପାଖରୁ ଆଶା କରାଯାଇଥାଏ ଯେ ସେମାନେ ବିଚାରଶୀଳ ବିକଳ୍ପ ଅବଲମ୍ବନ କରିବେ ଓ ବିବେକସମ୍ମତ ନିର୍ଣ୍ଣୟ ନେବେ। କାନାଡ଼ାର ଜଣେ ଦାର୍ଶନିକ-ଲେଖକ ମାତ୍‌ସୋନା ଧାଲିବାୟୋ ଯଥାର୍ଥରେ କହିଛନ୍ତି, "ସେ ହିଁ ଜଣେ ଆଦର୍ଶ ପଶୁଚରାଳି, ଯିଏ ନିଜେ ଯେତେ ଭୋକିଲା ଥାଉ ପଛକେ, ପ୍ରଥମେ ନିଜର ପଶୁଙ୍କର ପେଟ ଭରିବ।" ଭାବି ଦେଖନ୍ତୁ, ଆମ ନେତାଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ କି ?

ଜୟପ୍ରକାଶ ନାରାୟଣ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ, କିନ୍ତୁ ଦେଶର ସାମ୍ବିଧାନିକ ବ୍ୟବସ୍ଥା ବିଶିଷ୍ଟ ଗଣତାନ୍ତ୍ରିକ ଢାଂଚାର ପୁନଃସ୍ଥାପନା ଉଦ୍ଦେଶ୍ୟରେ ସନ୍ନ୍ୟାସ ପରିହାର କରି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ରାଜନୀତିକ ଜୀବନର ପର୍ଯ୍ୟାୟରେ ଅଭିଜ୍ଞତା ଓ ବିଶେଷଜ୍ଞତା ବହୁତ ବଡ଼ ସହାୟକ ଭୂମିକା ନିର୍ବହନ କରିଥାଏ ଓ ସମ୍ଭବତଃ ଏହା ମଧ୍ୟ ଏକ କାରଣ ଯେ ସେ ଏ ଆନ୍ଦୋଳନକୁ ସମୁଚିତ ନେତୃତ୍ୱ ପ୍ରଦାନ କରିପାରିଥିଲେ। ଅବଶ୍ୟ ଏପରି ଏକ ଗତିଶୀଳ ସମାଜରେ, ଯେଉଁଠି ସାମାଜିକ-ଆର୍ଥିକ ଢାଂଚା ଅତ୍ୟନ୍ତ କ୍ଷିପ୍ର ଗତିରେ ବଦଳି ଚାଲେ, ସେଠାରେ କେବଳ ଅଭିଜ୍ଞତା ହିଁ ଯଥେଷ୍ଟ ନୁହେଁ। ବିଶେଷଜ୍ଞତା ବିଶେଷ ବାତାବରଣ ଓ ପରିସ୍ଥିତିରେ ହିଁ ଅଧିକ ପ୍ରାସଙ୍ଗିକ ହୋଇଯାଇଥାଏ। ନୋବେଲ୍ ବିଜେତା ଡାନିଏଲ୍ କାହ୍ନମେନ୍ ଲେଖିଛନ୍ତି, "ଏପରି କିଛି କ୍ଷେତ୍ର ରହିଛି, ଯେଉଁଥିରେ ବିଶେଷଜ୍ଞତା ସମ୍ଭବ ନୁହେଁ। ଶେୟାର୍‌ର ଚୟନ (ଷ୍ଟକ୍ ମାର୍କେଟ୍) ଏକ ଉତ୍ତମ ଉଦାହରଣ। ଦୀର୍ଘକାଳିକ ରାଜନୀତିକ-ରଣନୀତିକ ଅନୁମାନ ପ୍ରସଙ୍ଗରେ ମଧ୍ୟ ବିଶେଷଜ୍ଞ, ପଶାପାଲିରେ ଗୋଟି ଫିଙ୍ଗୁଥିବା ମାଙ୍କଡ଼ ଠାରୁ ମଧ୍ୟ ଭଲ ନୁହଁନ୍ତି।"

ନେପୋଲିଅନ୍ ବୋନାପାର୍ଟଙ୍କ ବଚନ, "ନେତା ହେଉଛନ୍ତି ଆଶା-ଆକାଂକ୍ଷାର ବେପାରୀ।" ସମ୍ପ୍ରତି ଦୁନିଆରେ ଅନେକ ପିଢ଼ିର ସଙ୍ଗମ ଦେଖିବାକୁ ମିଳେ। ଏଥିରେ ପ୍ରମୁଖ ହେଲେ ୧୯୨୫ରୁ ନେଇ ୧୯୪୫ ମଧ୍ୟରେ ଜନ୍ମିତ 'ସାଇଲେଣ୍ଟ ଜେନେରେସନ୍' , ୧୯୪୬-୬୪ ମଧ୍ୟରେ ଜନ୍ମିତ 'ବେବି ବୁମର୍ସ' , ୧୯୬୫-୭୯ ମଧ୍ୟରେ ଜନ୍ମିତ 'ଜେନ୍-ଏକ୍ସ' ୧୯୮୧ରୁ ୧୯୯୬ ମଧ୍ୟରେ ଜନ୍ମିତ 'ମିଲେନିଆଲସ୍', ୧୯୯୭ରୁ ୨୦୧୨ର 'ଜେନ୍-ଜେଡ୍' ଓ ୨୦୧୨ ପରର 'ଆଲ୍‌ଫା ଜେନେରେସନ୍'। ଏମାନେ ସମସ୍ତେ ନିଜ-ନିଜ ଜୀବନର ଅନିଶ୍ଚିତତାକୁ ନେଇ ବ୍ୟତିବ୍ୟସ୍ତ-ବିବ୍ରତ ପ୍ରତୀତ ହୁଅନ୍ତି। ଏମାନଙ୍କର ଆଶା-ଆକାଂକ୍ଷା, ପ୍ରାଥମିକତା ଓ ଏପରିକି ପସନ୍ଦ ମଧ୍ୟ ସବୁ ସମୟରେ ଏକାପରି ହେବ ନାହିଁ, ଦେଖାଯିବ ନାହିଁ। ନେତାଙ୍କର ଅଧିକାଂଶ ନୀତି ବିଭିନ୍ନ ପିଢ଼ିଙ୍କର କଷଟି ପଥରରେ ଉତ୍ତୀର୍ଣ୍ଣ ହୋଇପାରିନଥାଏ।

ଭାରତୀୟ ରାଜନୀତିରେ ସମ୍ପ୍ରତି 'ବେବି ବୁମର୍ସ' ପିଢ଼ିର ପ୍ରାଧାନ୍ୟ ରହିଛି। ନେତାଙ୍କ ପାଇଁ, ମତଦାତାଙ୍କର ଆଶା-ଆକାଂକ୍ଷାକୁ ହୃଦୟଙ୍ଗମ କରିବା ହିଁ ସେମାନଙ୍କ ସହ ଯୋଡ଼ି ହେବାର କଂଚିକାଠି ହୋଇଥାଏ ଓ ଏମାନଙ୍କ ମଧ୍ୟରେ ନିଜ ପିଢ଼ିରୁ ଇତରର ବର୍ଗ ମଧ୍ୟ ରହିଥାନ୍ତି। ଆଜି ଅଧିକାଂଶ ନେତା ଶାରୀରିକ – ସ୍ୱାସ୍ଥ୍ୟଗତ ପ୍ରସଙ୍ଗରେ ଏତେଟା ସୁସ୍ଥସବଳ ନୁହଁନ୍ତି ଯେ ସେମାନେ ଜନତାଙ୍କ ସହ, ବିଭିନ୍ନ ବର୍ଗଙ୍କ ସହ, ପିଢ଼ିଙ୍କ ସହ ନିୟମିତ ସମ୍ବାଦ ସ୍ଥାପନ କରିପାରିବେ। ଅଥଚ ଏଇମାନଙ୍କ ଭୋଟ୍‌ରେ ଏମାନେ ନିର୍ବାଚନ ଜିତିବାର ଆଶା ପୋଷଣ କରିଥାନ୍ତି। ନିର୍ବାଚନରେ ହାରିବା ପରେ ବା ହାରିବା ଆଶଙ୍କାକୁ ଅନୁମାନ କରି ଏମାନେ ରାଜ୍ୟସଭା ବା ବିଧାନ ପରିଷଦ ମାଧ୍ୟମରେ, ପଛ ଦ୍ୱାର ଦେଇ, ରାଜନୀତିର ମୁଖ୍ୟ ସ୍ରୋତରେ ପୁନଃ ସାମିଲ ହୋଇଯାଆନ୍ତି। ଅନେକ କ୍ଷେତ୍ରରେ ଏହା ମଧ୍ୟ ଦେଖାଯାଇଛି ଯେ ରାଜନୀତି ଆଜି ନେତାଙ୍କର ଜୀବନଶୈଳୀର ଅଂଶ ହୋଇଗଲାଣି। ନେତାଏ ଅତୀତର ସଦ୍‌ଭାବନାକୁ ଆଶ୍ରା କରି ନଈ ପାରି ହେବାର ଯୋଗାଡ଼ରେ ଲାଗିରହନ୍ତି। ଏଥିରେ ମଧ୍ୟ ପ୍ରାୟତଃ ବ୍ୟତିରେକ ହୋଇଯାଏ। ପଦ ଓ ଗାଦି ପ୍ରତି ମୋହ, ସର୍ବଥା ଚର୍ଚ୍ଚାରେ ରହିବାର ଲାଳସା ଓ ସୁଖ-ସୁବିଧା ଆଦି କିଛି ଚିଜ ଏ ଜାତିର ନେତାଙ୍କୁ ସାଲିସ୍ କରିବାକୁ ବାଧ୍ୟ କରିଦିଏ। ବିଚାରଧାରା ଆଦି ପ୍ରସଙ୍ଗ ଏଥିରେ ଗୌଣ ହୋଇଯାଏ, କାରଣ ବାଡ଼ ଡେଇଁବାର ବିଚାରଧାରାର ଏଠାରେ କୌଣସି ମୂଲ୍ୟ-ମହତ୍ତ୍ୱ ରହିନଥାଏ। ପଦ ଓ ଗାଦିକୁ ଜାବୁଡ଼ି ଧରି ରଖିବାର ମୋହ ଏତେ ବଢ଼ିଯାଇଛି ଯେ ଏଇ କାରଣରୁ ବଂଶବାଦୀ ରାଜନୀତିକୁ ବେଶ୍ କିଛି ସମୟରୁ ପ୍ରୋତ୍ସାହନ ଦିଆଯାଇ ଆସୁଛି। ଯାହା ଦେଖାଯାଇଛି, ଅଧିକାଂଶ କ୍ଷେତ୍ରରେ ଏ ବର୍ଗର ଉତ୍ତରାଧିକାରୀଙ୍କର, ତାଙ୍କର ପିତା ବା ପିତାମହଙ୍କ ପରି ଭୂତଳ ବାସ୍ତବତା ସହ କୌଣସି ସମ୍ପର୍କ ବା ପରିଚୟ ନଥାଏ ଓ ଏଇ ସନ୍ଦର୍ଭରେ ସେମାନେ ସେହି ପଦର ଯୋଗ୍ୟ ହୋଇନଥାନ୍ତି। ଏମାନଙ୍କର ରାଜନୀତି ଆଶାନୁରୂପ ପରିଣାମ ଉନ୍ମୁଖ ହୋଇନଥାଏ ଓ ସମାଜ ଗଣତାନ୍ତ୍ରିକ ବ୍ୟବସ୍ଥାର ଲାଭରୁ ବଂଚିତ ରହିଯାଏ।

ଆମର ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନତା ପରର ରାଜନୀତିକ ପରିଦୃଶ୍ୟରେ ନେତାଙ୍କର ଯେଉଁ ପ୍ରଥମ ପିଢ଼ିର ଆଗମନ ହୋଇଥିଲା, ସେମାନେ ଏପରି ହିଁ ଆଦର୍ଶବାଦରେ ଓତପ୍ରୋତ ବ୍ୟକ୍ତି ଥିଲେ। ସେମାନେ ରାଷ୍ଟ୍ର-ସମାଜର ସେବାରେ ବ୍ରତୀ ରହିବାକୁ ଚାହୁଁଥିଲେ ଓ କେବଳ ଏଇ ବିଷୟଟି ପାଇଁ ପଦ ତଥା କ୍ଷମତା ଆବଶ୍ୟକ କରୁଥିଲେ। ସେ ପିଢ଼ି ଆଜି ବିଲୁପ୍ତ କୁହାଯାଇପାରେ। ଅପର ପାର୍ଶ୍ୱରେ କୋଟି-କୋଟି ବଂଚିତ ଭାରତୀୟ ରାଜନୀତିରେ ମୂଳଭୂତ ପରିବର୍ତ୍ତନର ଆଶା ପୋଷଣ ପୂର୍ବକ ଚାହିଁ ବସିଛନ୍ତି। କାରଣ, ଏମାନେ ମଧ୍ୟ ନିଜର ଦଶା ସୁଧାର ପାଇଁ ଅପେକ୍ଷାରତ। ପରିବର୍ତ୍ତିତ ସମୟରେ ଏ ପରିବର୍ତ୍ତନ ମଧ୍ୟ ବହୁପ୍ରତ୍ୟାଶିତ।

# ଆମର ଗର୍ବ ଆମର ସଂସ୍କୃତି, ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି

ଗତ ୧୧ ବର୍ଷ ଧରି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତର ସାଂସ୍କୃତିକ ଯାତ୍ରା ଏକ ରଙ୍ଗୋଲି ପରି ବିକଶିତ ହୋଇଛି। ହମ୍ପିର କାଳଜୟୀ ମନ୍ଦିରଠାରୁ ଶାସ୍ତ୍ରୀୟ ସଙ୍ଗୀତ ଏବଂ ନୃତ୍ୟର ଜୀବନ୍ତ ପରମ୍ପରା ପର୍ଯ୍ୟନ୍ତ, ସରକାର ସମସ୍ତ ଐତିହ୍ୟକୁ ନୂତନ ଶକ୍ତି ପ୍ରଦାନ କରିଛନ୍ତି। ବିସ୍ମୃତ ନାୟକମାନଙ୍କୁ ସ୍ମରଣ କରିବା ସହିତ ଆଧୁନିକ ଉପକରଣ ମାଧ୍ୟମରେ ପ୍ରାଚୀନ ଜ୍ଞାନକୁ ସଂରକ୍ଷିତ କରାଯାଇଛି। ଏକତ୍ର, ଏହି ପ୍ରୟାସଗୁଡ଼ିକ ଗର୍ବର ସହିତ ବିଶ୍ୱ ନିକଟରେ ଭାରତକୁ ଉପସ୍ଥାପିତ କରେ। "ବିଶାଳ କାଶୀ ବିଶ୍ୱନାଥ କରିଡରରୁ ଅଯୋଧ୍ୟାରେ ରାମ ଲଲ୍ଲାଙ୍କ ଦିବ୍ୟ ଉପସ୍ଥିତି ପର୍ଯ୍ୟନ୍ତ, ସରକାର ଐତିହ୍ୟକୁ ସଂରକ୍ଷଣ କରିବା ସହିତ ସାଂସ୍କୃତିକ ଭାବନାକୁ ଗଭୀର କରୁଛନ୍ତି। ଆଧ୍ୟାତ୍ମିକ ସର୍କିଟ୍ ଏବଂ ଆଧୁନିକ ତୀର୍ଥଯାତ୍ରୀ ସୁବିଧା ମାଧ୍ୟମରେ, ଭାରତର ସଭ୍ୟତାର ଗର୍ବକୁ ସୁଗମ ଭାବରେ ପୁନର୍ଜୀବିତ କରାଯାଉଛି।"ପ୍ରମୁଖ ଐତିହ୍ୟ କରିଡର ଏବଂ ଉଲ୍ଲେଖନୀୟ ସ୍ଥାନର ବିକାଶ କରିବା ସହିତ, ସରକାର ଧାର୍ମିକ ବିବିଧତାକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ପ୍ରସାଦ (ତୀର୍ଥଯାତ୍ରା ପୁନରୁଦ୍ଧାର ଏବଂ ଆଧ୍ୟାତ୍ମିକ, ଐତିହ୍ୟ ବିକାଶ ଅଭିଯାନ) ପରି ଯୋଜନା ମାଧ୍ୟମରେ, ବିଭିନ୍ନ ଧର୍ମର ପ୍ରମୁଖ ପୂଜାସ୍ଥଳଗୁଡ଼ିକୁ ପୁନଃରୁଦ୍ଧାର କରିବା ପାଇଁ ପ୍ରୟାସ କରାଯାଇଛି; ମସଜିଦ, ଚର୍ଚ୍ଚ ଏବଂ ମନ୍ଦିର ଏଥିରେ ସାମିଲ୍ ରହିଛି ଯାହା ଦ୍ୱାରା ଭାରତର ସମୃଦ୍ଧ ଆଧ୍ୟାତ୍ମିକ ପରମ୍ପରାକୁ ସମ୍ମାନ ମିଳିପାରିବ। ଏହି ସମନ୍ୱିତ ବିକାଶ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ସାମ୍ପ୍ରଦାୟିକ ସଦ୍ଭାବକୁ ମଜବୁତ କରିଥାଏ। "ଏହି ପଦକ୍ଷେପଗୁଡ଼ିକ ସ୍ମାରକୀ ପୁନରୁଦ୍ଧାରଠାରୁ ଅଧିକ, ଏହା ସମ୍ପ୍ରଦାୟଗୁଡ଼ିକୁ ପୁନଃନିର୍ମାଣ ଏବଂ ସ୍ଥାନୀୟ ଅର୍ଥନୀତିକୁ ପୁନର୍ଜୀବିତ କରିବାରେ ସାହାଯ୍ୟ କରୁଛି। ପ୍ରସାଦ (ତୀର୍ଥଯାତ୍ରା ପୁନରୁଦ୍ଧାର ଏବଂ ଆଧ୍ୟାତ୍ମିକ, ଐତିହ୍ୟ ବିକାଶ ଅଭିଯାନ)ଯୋଜନା ଅଧୀନରେ, ସାରା ଦେଶରେ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସ୍ଥଳଗୁଡ଼ିକର ବିକାଶ ପାଇଁ ପ୍ରାୟ ଟ.୧୯୦୦ କୋଟି ନିବେଶ କରାଯାଇଛି। ସ୍ୱଦେଶ ଦର୍ଶନ ଯୋଜନା ଯାତ୍ରା ଭିତ୍ତିଭୂମିକୁ ଆହୁରି ବୃଦ୍ଧି କରିଛି, ଚିହ୍ନଟ ହୋଇଥିବା ଥିମାଟିକ୍ ସର୍କିଟରେ ୭୬ ଟି ପ୍ରକଳ୍ପ ପାଇଁ ଟ.୫୨୯୨.୯୧ କୋଟି ମଞ୍ଜୁର କରାଯାଇଛି। ଏହି ଗତି ଉପରେ ଆଧାରିତ, ସ୍ୱଦେଶ ଦର୍ଶନ ୨.୦ ୨୦୨୩-୨୫ ଅବଧି ପାଇଁ ୩୪ ଟି ଅଧିକ ପ୍ରକଳ୍ପକୁ ମଞ୍ଜୁର କରିଛି। ଏହି ପ୍ରୟାସଗୁଡ଼ିକୁ ପରିପୂରକ କରି, ହୃଦୟ (ଐତିହ୍ୟ ସହର ବିକାଶ ଏବଂ ବୃଦ୍ଧି ଯୋଜନା) ଯୋଜନା ୧୨ ଟି ଐତିହ୍ୟ ସହର ବିକାଶ ଉପରେ ଧ୍ୟାନ ଦେଇଛି। ଏକତ୍ର, ଏହି ପଦକ୍ଷେପଗୁଡ଼ିକ ସାରା ଦେଶରେ ପର୍ଯ୍ୟଟନରେ ବୃଦ୍ଧି ଆଣିବା ସହିତ ଭାରତର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରୁଛି।"ଏହି ପ୍ରୟାସଗୁଡ଼ିକର ଆର୍ଥିକ ପ୍ରଭାବ ସ୍ପଷ୍ଟ। ୨୦୨୪ ମସିହାରେ, ଭାରତରେ ୯.୬୬ ନିୟୁତ ବିଦେଶୀ ପର୍ଯ୍ୟଟକ ଆଗମନର ରେକର୍ଡ କରାଯାଇଥିଲା, ଯାହା ଦ୍ୱାରା ଟ.୨,୭୭.୮୪୨ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଅର୍ଜନ ହୋଇଥିଲା। ଏହି ସଂଖ୍ୟାଗୁଡ଼ିକ କେବଳ ବୃଦ୍ଧି ପାଉଥିବା ଯାତ୍ରା ଆଗ୍ରହକୁ ପ୍ରତିଫଳିତ କରେ ନାହିଁ ବରଂ ଭାରତର ଉନ୍ନତ ଭିତ୍ତିଭୂମି ଏବଂ ଏହାର ନବୀକରଣ ସାଂସ୍କୃତିକ ଆକର୍ଷଣ ପ୍ରତି ବଢ଼ୁଥିବା ବିଶ୍ୱାସକୁ ପ୍ରତିଫଳିତ କରେ।"ଦେଶର ହଜିଯାଇଥିବା ଐତିହ୍ୟକୁ ଫେରାଇ ଆଣିବା ସରକାରଙ୍କ ପ୍ରାଥମିକତା ହୋଇଛି। ୨୦୧୩ ପୂର୍ବରୁ, ବିଦେଶରୁ କେବଳ ୧୩ଟି ଚୋରି ହୋଇଥିବା ପ୍ରାଚୀନ ସାମଗ୍ରୀ ଭାରତକୁ ଫେରାଇ ଅଣାଯାଇଥିଲା। କିନ୍ତୁ ୨୦୧୪ ପର ଠାରୁ, ୬୪୨ଟି ଚୋରି ହୋଇଥିବା ପ୍ରାଚୀନ ସାମଗ୍ରୀ ଚିହ୍ନଟ କରାଯାଇଛି ଏବଂ ଦେଶକୁ ଫେରାଇ ଅଣାଯିବାର ବିଭିନ୍ନ ପର୍ଯ୍ୟାୟରେ ଅଛି।"୨୦୧୬ ମସିହାରୁ, ଆମେରିକା ସରକାର ଅନେକ ଚାଲାଣ କିମ୍ବା ଚୋରି ହୋଇଥିବା ପ୍ରାଚୀନ ସାମଗ୍ରୀ ଫେରାଇବାରେ ସାହାଯ୍ୟ କରିଛନ୍ତି। ଜୁନ୍ ୨୦୧୬ରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ୧୦ଟି ପ୍ରାଚୀନ ସାମଗ୍ରୀ ଫେରସ୍ତ କରାଯାଇଥିଲା; ସେପ୍ଟେମ୍ବର ୨୦୨୧ରେ ତାଙ୍କ ଗସ୍ତ ସମୟରେ ୧୫୭ଟି ପ୍ରାଚୀନ ସାମଗ୍ରୀ ଏବଂ ଜୁନ୍ ୨୦୨୩ରେ ତାଙ୍କ ଗସ୍ତ ସମୟରେ ଆହୁରି ୧୦୫ଟି ପ୍ରାଚୀନ ସାମଗ୍ରୀ ଫେରସ୍ତ କରାଯାଇଥିଲା। ୨୦୧୬ ମସିହାରୁ ଆମେରିକାରୁ ଭାରତକୁ ଫେରସ୍ତ କରାଯାଇଥିବା ସାଂସ୍କୃତିକ ସାମଗ୍ରୀର ମୋଟ ସଂଖ୍ୟା ୫୭୮। ଏହା ଭାରତକୁ କୌଣସି ଦେଶ ଦ୍ୱାରା ଫେରସ୍ତ କରାଯାଇଥିବା ସାଂସ୍କୃତିକ ସାମଗ୍ରୀର ସର୍ବାଧିକ ସଂଖ୍ୟା।"ସରକାର ଭାରତର ପ୍ରକୃତ ରାଷ୍ଟ୍ର ନିର୍ମାତାଙ୍କୁ ସମ୍ମାନିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେ ନେଇଛନ୍ତି, ନିଶ୍ଚିତ କରିଛନ୍ତି ଯେ ସେମାନଙ୍କର ଐତିହ୍ୟକୁ ଯେପରି ରାଜନୈତିକ ସୀମା ବାହାରେ ସଂରକ୍ଷିତ ଏବଂ ପାଳନ କରାଯିବ। ଏହି ଦିଗରେ ଏକ ପ୍ରମୁଖ ପଦକ୍ଷେପ ଥିଲା ଆଜାଦୀ କା ଅମୃତ ମହୋତ୍ସବ, ଯାହା ୧୨ ମାର୍ଚ୍ଚ ୨୦୨୨ ରେ ଆରମ୍ଭ ହୋଇ ୧୫, ଅଗଷ୍ଟ ୨୦୨୨ରେ ଶେଷ ହୋଇଥିଲା, ଏବଂ ଭାରତର ସ୍ୱାଧୀନତାର ୭୫ ବର୍ଷ ପାଳନ କରିଥିଲା। ଏହି ଅଭିଯାନ ଦେଶବ୍ୟାପୀ ଆୟୋଜିତ ସାଂସ୍କୃତିକ ଏବଂ ଦେଶପ୍ରେମ କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ରକୁ ଗଠନ କରିଥିବା ସଂଗ୍ରାମୀଙ୍କ ବଳିଦାନକୁ ସମ୍ମାନିତ କରିଥିଲା। ପ୍ରତୀକାତ୍ମକ ପ୍ରତିମା, ସଂଗ୍ରହାଳୟ ଏବଂ ସ୍ମାରକୀ ଯାହା ଜନସାଧାରଣଙ୍କ ସ୍ମୃତିକୁ ପୁନର୍ଜୀବିତ କରେ ଏବଂ ଭବିଷ୍ୟତ ପିଢ଼ିକୁ ରାଷ୍ଟ୍ରନିର୍ମାଣର ଭାବନାକୁ ଆଗକୁ ବଢ଼ାଏ।"କେନ୍ଦ୍ର ସରକାର ଅନେକ ରାଷ୍ଟ୍ର ନିର୍ମାତାଙ୍କୁ ସ୍ୱୀକୃତି ଦେଇଛନ୍ତି, ନିରପେକ୍ଷ ଭାବରେ ଏବଂ ରାଜନୈତିକ ପକ୍ଷପାତିତାରୁ ଉର୍ଦ୍ଧ୍ୱରେ ସେମାନଙ୍କର ଅବଦାନକୁ ସମ୍ମାନିତ କରିଛନ୍ତି।"ଭାରତର ବୀରମାନଙ୍କ ଐତିହ୍ୟକୁ ସମ୍ମାନ ଜଣାଇବା ପାଇଁ ମୋଦୀ ସରକାର ଦୀର୍ଘ ଦିନ ଧରି ପଡ଼ି ରହିଥିବା ସ୍ମାରକୀଗୁଡ଼ିକୁ ଜାତୀୟ ଗର୍ବର ଶକ୍ତିଶାଳୀ ପ୍ରତୀକରେ ପରିଣତ କରିଛନ୍ତି। ସୈନିକଙ୍କଠାରୁ ଆରମ୍ଭ କରି ରାଷ୍ଟ୍ରନେତା ପର୍ଯ୍ୟନ୍ତ, ପ୍ରତ୍ୟେକ ପ୍ରୟାସ ଦେଶର ଯାତ୍ରାକୁ ଆକାର ଦେଇଥିବା ଲୋକଙ୍କୁ ମନେ ରଖିବା ପାଇଁ ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।"ସରକାର ଭାରତର ବିବିଧ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ପରମ୍ପରା ମଧ୍ୟରେ ବନ୍ଧନକୁ ସୁଦୃଢ଼ କରିଛନ୍ତି, ଏକ ଭାରତ, ଶ୍ରେଷ୍ଠ ଭାରତ ଭାବନାକୁ ପ୍ରକୃତରେ ଗ୍ରହଣ କରିଛନ୍ତି। ଦେଶର ରାଜ୍ୟ / କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକର ଲୋକଙ୍କ ମଧ୍ୟରେ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୩୧ ଅକ୍ଟୋବର, ୨୦୧୬ରେ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ବିବିଧ ସଂସ୍କୃତିର ଲୋକଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ଏବଂ ସମ୍ପର୍କକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି, ଯାହା ଦ୍ୱାରା ଭାରତର ଏକତା ଏବଂ ଅଖଣ୍ଡତାକୁ ସୁଦୃଢ଼ ହୋଇପାରିବ। "ଏହି ପଦକ୍ଷେପଗୁଡ଼ିକ ବ୍ୟତୀତ, ୱାର୍ଲଡ୍ ଅଡିଓ ଭିଜୁଆଲ୍ ଏଣ୍ଟରଟେନମେଣ୍ଟ ସମିଟ୍ (ୱେଭସ) ଏକ ଐତିହାସିକ ପ୍ଲାଟଫର୍ମ ଭାବରେ ଉଭା ହୋଇଛି, ଯାହା ବିଶ୍ୱ ଗଣମାଧ୍ୟମ ଏବଂ ମନୋରଞ୍ଜନ ଦୃଶ୍ୟକୁ ପରିବର୍ତ୍ତନ କରିଛି। ବିଶ୍ୱ ସ୍ତରରେ ଭାରତକୁ ପ୍ରଦର୍ଶିତ କରି, ୱେଭସ ଦେଶର ସାଂସ୍କୃତିକ ଗୌରବକୁ ନୂତନ ଶିଖରରେ ପହଞ୍ଚାଇଛି। "ମିଡ଼ିଆ ଏବଂ ମନୋରଞ୍ଜନ କ୍ଷେତ୍ରରେ ବିଶ୍ୱର ପ୍ରଥମ ବିଶ୍ୱ ସ୍ଥାନ କରିବାକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ପ୍ରୟାସଗୁଡ଼ିକ ଆୟୁର୍ବେଦର ବିଶ୍ୱସ୍ତରୀୟ ପହଞ୍ଚକୁ ବିସ୍ତାର କରୁଛି ଏବଂ ଆଧୁନିକ ସ୍ୱାସ୍ଥ୍ୟ ଆବଶ୍ୟକତା ପାଇଁ ଏହାକୁ ଏକ ବିଶ୍ୱସ୍ତ, ପ୍ରାଚୀନ ଚିକିତ୍ସା ବିଜ୍ଞାନ ଭାବରେ ପ୍ରୋତ୍ସାହିତ କରୁଛି। ମନ୍ତ୍ରଣାଳୟ ଏପରି ପଦକ୍ଷେପଗୁଡ଼ିକର ନେତୃତ୍ୱ ନେଇ ଆସୁଛି ଯାହା ବିଶ୍ୱବ୍ୟାପୀ ଆୟୁର୍ବେଦର ପାଦଚିହ୍ନକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି।"ବର୍ଷ ବର୍ଷ ଧରି, ଭାରତ ବିଶ୍ୱ ଐତିହ୍ୟ ତାଲିକାରେ ମଧ୍ୟ ନିଜର ଉପସ୍ଥିତି ବୃଦ୍ଧି କରିଛି। ଜୁଲାଇ ୨୦୧୪ ରେ, ଆସାମର ଏକ ସାଂସ୍କୃତିକ ସମ୍ପତ୍ତି ଭାବରେ 'ମୋଇଡାମ୍ସ: ଦି ମାଉଣ୍ଡ-ବରିଆଲ୍ ସିଷ୍ଟମ୍ ଅଫ୍ ଦି ହୋମ ଡାଏନାଷ୍ଟି' ଶିଳାଲେଖ ଗର୍ବର ସହିତ ସାମିଲ୍ ହୋଇଥିଲା। ଏହା ସହିତ, ଭାରତ ବର୍ତ୍ତମାନ ବିଶ୍ୱ ଐତିହ୍ୟ ତାଲିକାରେ ୪୩ ଟି ସ୍ଥାନ ଏବଂ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ୬୨ଟି ସ୍ଥାନ ପାଇଛି। ଦେଶର ଯାତ୍ରା ୧୯୮୩ ରେ ଆଗ୍ରା ଦୁର୍ଗ ତାଲିକାଭୁକ୍ତ ହେବା ସହିତ ଆରମ୍ଭ ହୋଇଥିଲା। ଏହାପରେ ତାଜମହଲ, ଅଜନ୍ତା ଗୁମ୍ଫା ଏବଂ ଏଲୋରା ଗୁମ୍ଫା ସାମିଲ୍ ହୋଇଥିଲା। ଏହି ସ୍ଥାନଗୁଡ଼ିକ କେବଳ ଇତିହାସର ପ୍ରତୀକ ଭାବରେ ନୁହେଁ ବରଂ ଆଗାମୀ ପିଢ଼ି ପାଇଁ ଶିଖିବା ସ୍ଥାନ ଭାବରେ ସଂରକ୍ଷିତ ରହିଛି।"ଗତ ୧୧ ବର୍ଷ ମଧ୍ୟରେ, ଭାରତ ଏହାର ସଂସ୍କୃତିକୁ ସୁରକ୍ଷା ଦେବା ପାଇଁ ଅନେକ ପଦକ୍ଷେପ ନେଇଛି।

# ଠିକଣା ଖୋଜୁଛନ୍ତି ସାତଭାୟାର ୨୭୨ ପରିବାର

## ୧୯୭୧ ସୁନାମିରେ ହୋଇଥିଲେ ବାସହରା

## ୫୫ ବର୍ଷ ପରେ ବି ଜମିପଟ୍ଟାରୁ ବଞ୍ଚିତ ୪୦%

**ରାଜନଗର :** ବଙ୍ଗୋପସାଗର ଆଁରୁ ଆସି ଓକିଲପାଳରେ ୫୫ ବର୍ଷ ହେଲା ପଡ଼ିରହିଛନ୍ତି। ସାତଭାୟାର ଗୋବିନ୍ଦପୁର ଓ ମୋହନପୁର ଗାଁର ୨୭୨ ପରିବାର ଓକିଲପାଳରେ ବସବାସ କରୁଛନ୍ତି। ସେମାନେ ୫୫ ବର୍ଷ ଧରି ଗୋଟିଏ ସ୍ଥାନରେ ରହୁଥିବା ବେଳେ ୧୯୭୮ ମସିହାରୁ ଭୂଦାନ ପକ୍ଷରୁ ସେମାନଙ୍କୁ ପଟ୍ଟା ଦିଆଯାଇ ଥଇଥାନ କରାଯାଇଛି। ଏହା ସ ?ତ୍ତ୍ୱେ ଆଜି ବି ୨୭୨ ପରିବାର ସେମାନଙ୍କ ଠିକଣା ଖୋଜୁଛନ୍ତି। ଓକିଲପାଳକୁ ଆଜି ଯାଏଁ ରାଜସ୍ୱ ଗାଁର ମାନ୍ୟତା ମିଳିନି। ଗାଁର ୪୦ ପ୍ରତିଶତ ପରିବାର ପଟ୍ଟା ପାଇ ପାରିନାହାନ୍ତି। ସେମାନେ ୫୫ ବର୍ଷ ହେଲା ଚାଷ କରି ଆସୁଥିବା ମଗରକନ୍ଦା ଓ ଦାନ୍ତିଆପଦାକୁ ବନ ବିଭାଗ ଛାଡୁନି ବୋଲି ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି।

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଓକିଲପାଳରେ ବସବାସ କରୁଛନ୍ତି ୨୭୨ ପରିବାର। ୧୯୭୧ ପ୍ରଳୟଙ୍କରୀ ମହାବାତ୍ୟା ଓ ସୁନାମୀରେ ବଙ୍ଗୋପସାଗର କୂଳରେ ଥିବା ସାତଭାୟାର ଗୋବିନ୍ଦପୁର ଓ ମୋହନପୁର ଗାଁ ସମ୍ପୂର୍ଣ୍ଣ ରୂପେ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲା। ଏହି ଦୁଇଟି ଗାଁର ୭୫୨ ଲୋକ ପ୍ରାଣ ହରାଇଥିଲେ। ବଞ୍ଚି ଯାଇଥିବା ଲୋକ ଭାସି ଭାସି ଆସି ଓକିଲପାଳରେ ପହଞ୍ଚିଥିଲେ। ବାତ୍ୟା ଛାଡ଼ିବା ପରେ ଗାଁ, ଘରଦ୍ୱାର, ଜମିବାଡ଼ି ସମୁଦ୍ର ଗର୍ଭରେ ସମ୍ପୂର୍ଣ୍ଣ ଲୀନ ହୋଇଯାଇଥିବାରୁ ଦୁଇଟି ଗାଁର ଲୋକେ ଓକିଲପାଳରେ ଝୁମ୍ପୁଡ଼ି କରି ବସବାସ କରିଥିଲେ। ୧୯୭୮ ମସିହାରେ ରମାଦେବୀ ଓ ରାଧାନାଥ ରଥ ପହଞ୍ଚି ଭୂଦାନ ପକ୍ଷରୁ ଘରବାରି ପଟ୍ଟା ପ୍ରଦାନ କରିଥିଲେ।



ଗାଁର ୬୦ ପ୍ରତିଶତ ପରିବାର ପଟ୍ଟା ପାଇଥିବା ବେଳେ ୪୦ ପ୍ରତିଶତ ପରିବାର ପଟ୍ଟା ପାଇପାରିନାହାନ୍ତି। ସମୁଦ୍ର ସର୍ବସ୍ୱ ଛଡ଼ାଇନେବା ପରେ ସେତେବେଳର ପ୍ରଶାସନ ଦୁଇଟି ଗାଁର ଲୋକଙ୍କୁ ବାଉଁଶଗଡ଼ ନଦୀ ସେପଟେ ମଗରକନ୍ଦା ଓ ଦାନ୍ତିଆପଦା ମୌଜାରେ ଥିବା ସରକାରୀ ଜମିରେ ଚାଷ କରିବାକୁ ଅନୁମତି ଦେଇଥିଲା। ପ୍ରତି ପରିବାର ଏକ/ଦୁଇ ଏକର ଜମିରେ ୫୦ ବର୍ଷରୁ ଅଧିକ ହେଲା ଚାଷ କରି ଆସୁଛନ୍ତି। ମାତ୍ର ବନବିଭାଗ ସେମାନଙ୍କୁ ଚାଷ ଜମି ନିକଟକୁ ଛାଡୁନଥିବା ଏବଂ ଅଧିକାଂଶ ସମୟରେ ନିର୍ଯାତନା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ୨୭୨ ପରିବାର ରହୁଥିବା ଓକିଲପାଳକୁ ଆଜିଯାଏଁ ରାଜସ୍ୱ ଗାଁର ମାନ୍ୟତା ମିଳିପାରିନି। ରାଜସ୍ୱ ଗ୍ରାମ ମାନ୍ୟତା ନେଇ ସବୁବେଳେ ତାଲିକାରେ ଓକିଲପାଳ ଏକ ନମ୍ବରରେ ରହୁଛି ଅଥଚ ଘୋଷଣା ବେଳେ ବାଦ ପଡୁଛି। ଆଉ କେତେଦିନ ବିନା ଠିକଣାରେ ବଞ୍ଚିବୁ ବୋଲି ଗାଁର ବିଚିତ୍ର କୁମାର ଦାସ, ସନ୍ତୋଷ କୁମାର ମଣ୍ଡଳ, ସଂକର୍ଷଣ ଲେଙ୍କା, ଅମର ସାମଲ, ବ୍ରଜବନ୍ଧୁ ଦାସ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି।

### ରାଜ୍ୟସଭା ନିର୍ବାଚନ କ୍ରସଭୋଟିଂ: ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ

# ବାଚସ୍ପତିଙ୍କ ଜବାବ ଲୋଡ଼ିଲେ ହାଇକୋର୍ଟ

**କଟକ:** ଦଳୀୟ ହ୍ୱିପ ନ ମାନି ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବା ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗକୁ ନେଇ ଦାୟର ପିଟିସନ ଖାରଜ ନିର୍ଦ୍ଦେଶ ବିରୋଧରେ ବିଜେଡି ତରଫରୁ ରୁଜୁ ଆଉ ତିନୋଟି ଆବେଦନର ହାଇକୋର୍ଟ ଶୁଣାଣି କରି ବିଧାନସଭା ବାଚସ୍ପତିଙ୍କ ଜବାବ ଲୋଡ଼ିଛନ୍ତି। ଏଥି ସହିତ ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ମାଧ୍ୟମରେ ଜବାବ ରଖିବାକୁ ବିଧାନସଭା ସଚିବ, ବିଧାୟକ ଅରବିନ୍ଦ ମହାପାତ୍ର, ସେ ?ଭିକ ବିଶ୍ୱାଳ ଓ ସନାତନ ମହାକୁଡ଼ଙ୍କୁ ହାଇକୋର୍ଟ କହିଛନ୍ତି।

ସେପ୍ଟେମ୍ବର ୨୯ରେ ଏ ସଂପର୍କିତ ମାମଲା ଗୁଡ଼ିକର ଏକତ୍ର ଶୁଣାଣି ହେବ। ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଜେଡି ମୁଖ୍ୟ ସଚେତକ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ଦାୟର ତିନୋଟି ଆବେଦନର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବିଧାୟକ ଅରବିନ୍ଦ ମହାପାତ୍ର, ସୌଭିକ ବିଶ୍ୱାଳ ଓ ସନାତନ ମହାକୁଡ଼ଙ୍କ ସଭ୍ୟପଦ ରଦ୍ଦ ସଂପର୍କିତ ବିଜେଡିର ପିଟିସନ ଖାରଜ କରି ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶକୁ ଚାଲେଞ୍ଜ କରି ବିଜେଡି



ପକ୍ଷରୁ ଏହି ତିନି ମାମଲା ଦାୟର କରାଯାଇଛି।

ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼ଙ୍କ ସମେତ ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ ନେଇ ଦାୟର ପୃଥକ ଆବେଦନଗୁଡ଼ିକୁ ଖାରଜ କରି ବିଧାନସଭା ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିଜେଡି ମୁଖ୍ୟ ସଚେତକ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ତରଫରୁ ଏ ନେଇ ପୃଥକ ୮ଟି ଆବେଦନ ହାଇକୋର୍ଟରେ ଦାୟର କରାଯାଇଛି। ପୂର୍ବରୁ ଗତ ୧୮ ତାରିଖରେ ବିଧାୟକ ଚକ୍ରମଣି କହଁର ଓ ସୁବାସିନୀ ଜେନାଙ୍କ ବିରୋଧରେ ବିଜେଡି ପକ୍ଷରୁ ଦାୟର ଦୁଇ ମାମଲାର ହାଇକୋର୍ଟର ଶୁଣାଣି ହୋଇଥିଲା। ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରାଯାଇଥିଲା। ଏହି ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗକୁ ନେଇ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରାଯାଇଥିଲା। କିନ୍ତୁ ବିଷୟବସ୍ତୁ, ତଥ୍ୟ ପ୍ରମାଣ କିମ୍ବା ଯୁକ୍ତିକୁ ବିଚାର ନକରି ବୈଷୟିକ ବା ପ୍ରକ୍ରିୟାଗତ କାରଣରୁ ଏପରି ପିଟିସନ ଖାରଜ କରାଯାଇଥିଲା। ଖାରଜ ନିର୍ଦ୍ଦେଶରେ ଉଲ୍ଲେଖ ଥିଲା ଯେ ସଭ୍ୟପଦ ରଦ୍ଦ ପାଇଁ ରହିଥିବା ନିୟମ ୬(୬) ଓ ୬(୭) ଅନୁସାରେ ଏହି ପିଟିସନ ନଥିଲା। ଆଇନଗତ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ପାଳନ କରାଯାଇ ନଥିଲା। ପିଟିସନ ସପକ୍ଷରେ ଆବଶ୍ୟକ ସତ୍ୟପାଠ ଦାଖଲ କରାଯାଇ ନଥିଲା। ଏଥି ସହିତ ପିଟିସନ ସହିତ ସଂଲଗ୍ନ ନଥିପତ୍ର ଯଥାବିଧି ଯାଞ୍ଚ ଓ ସ୍ୱାକ୍ଷରିତ ହୋଇ ନଥିଲା ବୋଲି ଖାରଜ ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଥିଲା।

# ମନର ମଣିଷ ପାଲଟିଗଲା ବ୍ରହ୍ମଚଣ୍ଡାଳ

## ତାଓ୍ୱାରେ ମୁଣ୍ଡକୁ ପିଟି ମାରିଦେଲା, ନୟାପଲ୍ଲୀରେ ଚାଞ୍ଚଲ୍ୟ

**ଭୁବନେଶ୍ୱର:** ଚିକିତ୍ସା ପାଇଁ ସ୍ୱାମୀଙ୍କୁ ଡାକ୍ତରଙ୍କ ପାଖକୁ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ। ନୂଆପଲ୍ଲୀ ବ୍ରିଟ୍ କଲୋନିରେ ଘଟିଥିବା ଏହି ଲୋମହର୍ଷଣକାରୀ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ବନିସ୍ମିତା ସ୍ୱାଇଁ (୨୬)। ଅଭିଯୁକ୍ତ ସ୍ୱାମୀ ସର୍ବେଶ୍ୱର ପ୍ରଧାନ (୨୮)ଙ୍କୁ ନୂଆପଲ୍ଲୀ ଥାନା ପୁଲିସ ଅଟକ ରଖି ପଚରାଉଚରା କରୁଛି।

ପ୍ରାୟ ଦୁଇ ବର୍ଷ ପୂର୍ବେ ବନିସ୍ମିତା ଓ ସର୍ବେଶ୍ୱର ପ୍ରେମ ବିବାହ କରିଥିଲେ। ବିବାହ ପରେ ସର୍ବେଶ୍ୱର ମାନସିକ ଅସୁସ୍ଥତାରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ସେ ମଝିରେ ମଝିରେ ରାଗିଯାଇ ସ୍ତ୍ରୀଙ୍କୁ ମାରପିଟ କରୁଥିଲେ। ତଥାପି ଚିକିତ୍ସା ପରେ ସେ ସୁସ୍ଥ ହୋଇଯିବେ ବୋଲି ବନିସ୍ମିତା ଆଶା ରଖିଥିଲେ। ଚାରିଦିନ ପୂର୍ବେ ସେ ସ୍ୱାମୀଙ୍କୁ ନେଇ ନୂଆପଲ୍ଲୀସ୍ଥିତ ଶ୍ୱଶୁରଙ୍କ ଘରକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଆଜି ଯିବାର ଯୋଜନା ଥିଲା। ତେବେ ଘରୁ ବାହାରିବା ସମୟରେ ସର୍ବେଶ୍ୱର ହଠାତ୍ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ପରେ ରୋଷେଇଘରୁ ତାଓ୍ୱା ଆଣି ତାଙ୍କ ମୁଣ୍ଡରେ ବାରମ୍ବାର ଆଘାତ



କରିଥିଲେ। ଘଟଣାସ୍ଥଳରେ ବନିସ୍ମିତାଙ୍କ ମୃତ୍ୟୁ ଘଟିଥିଲା।

ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ହତ୍ୟାରେ ବ୍ୟବହୃତ ତାଓ୍ୱାକୁ ପୁଲିସ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

# ଦୁଇ ହାତ ନାହିଁ, ତଥାପି ହାରିନାହାନ୍ତି ବଳରାମ

ଦୁଇ ହାତ ନାହିଁ, ହେଲେ ଜୀବନ ଯୁଦ୍ଧରେ ହାର୍ ମାନିନାହାନ୍ତି। ଶରୀରର ଏହି ବଡ଼ ଅଭାବକୁ ନିଜର ଦୁର୍ବଳତା ନୁହେଁ, ବରଂ ଶକ୍ତି ବନାଇଛନ୍ତି। ମଣିଷର ସବୁକିଛି ଥାଇ ବି ତାର ଅଭିଯୋଗ ସରେନି। ଏୟା ନାହିଁ ସେୟା ନାହିଁ କହି ସାରା ଜୀବନ ନିଜ ଭାଗ୍ୟକୁ ଦୋଷ ଦେଇଚାଲେ। କିନ୍ତୁ ଦୁଇ ଦୁଇଟି ହାତ ନଥାଇ ବି ଆଜି ପର୍ଯ୍ୟନ୍ତ କାହା ଉପରେ ବୋଝ ହୋଇନାହାନ୍ତି ବଳରାମ!

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ମଣିଗାଁର ବଳରାମ ନାୟକ। ଜନ୍ମରୁ ହିଁ ତାଙ୍କର ଦୁଇଟି ହାତ ନାହିଁ। କିନ୍ତୁ ଶରୀରର ଏହି ଅକ୍ଷମତା ତାଙ୍କୁ କେବେ ଭାଙ୍ଗିପାରିନାହିଁ କି ଅନ୍ୟ ଉପରେ ବୋଝ କରିନାହିଁ, ବରଂ ସେ ନିଜର ଆତ୍ମବିଶ୍ୱାସକୁ ଅସ୍ତ୍ର କରି ଆଗକୁ ବଢ଼ିଚାଲିଛନ୍ତି। ବାମ କାନ୍ଧ ପାଖରେ ଗୋଟିଏ ଛୋଟିଆ ଆଙ୍ଗୁଠି, ଆଉ ଏହି ଗୋଟିଏ ଆଙ୍ଗୁଠି ହିଁ ବଳରାମଙ୍କ ପାଇଁ ସାଜିଛି ଦୁଇ ହାତ। ଏହାରି ସାହାଯ୍ୟରେ ସେ ଗଛ କାଟୁଛନ୍ତି, ଭାର ବୋହୁଛନ୍ତି, ଆଉ ନିଜର ସବୁ କାମ ନିଜେ କରୁଛନ୍ତି। ତିନି ଝିଅଙ୍କୁ ବାହାଘର କରିବା ପରେ ଏକମାତ୍ର ପୁଅ ଭାଗିରଥି ନାୟକଙ୍କୁ ଦେଶସେବା



ପାଇଁ CISF ଯବାନ କରିଛନ୍ତି ଓ ପିଲାଟି ବେଲୁ ହିଁ ଅତି ସଂଘର୍ଷପୂର୍ଣ୍ଣ ଥିଲା ବଳରାମଙ୍କ ଜୀବନ। ଅନ୍ୟମାନେ ଯେଉଁ କାମକୁ ସହଜରେ କରିପାରନ୍ତି, ସେଥିପାଇଁ ବଳରାମଙ୍କୁ ଦଶଗୁଣା ପରିଶ୍ରମ କରିବାକୁ ପଡ଼େ। କିନ୍ତୁ ପ୍ରତିଟି ଅସୁବିଧାକୁ ସେ ନିଜ ପାଇଁ ନୂଆ ପରୀକ୍ଷା ଭାବରେ ନେଇଛନ୍ତି। ଆଉ ଜିତି ଯାଇଛନ୍ତି ଜୀବନ ଯୁଦ୍ଧ। ବଳରାମ ପ୍ରମାଣିତ କରିଦେଇଛନ୍ତି ଯେ, ସାହାସ ଓ ଇଚ୍ଛାଶକ୍ତି ଥିଲେ କୌଣସି ଅଙ୍ଗହାନୀ ମଣିଷକୁ ଅଟକାଇ ପାରିବ ନାହିଁ।



# ଦୈନିକ ଖୋଲାରେ ଡମ୍ପିଂ ହେଉଛି ୯୮ ମେଟ୍ରିକ ଟନ୍ ଆବର୍ଜନା

**ରାଉରକେଲା :** ସୁନ୍ଦରଗଡ଼ ଜିଲ୍ଲାର ସହରାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ପରିଚାଳନା, ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଜିଲ୍ଲାର ୪ ପୌରାଞ୍ଚଳ, ଯଥା-ରାଉରକେଲା ମହାନଗର ନିଗମ (ଆରଏମ୍‌ସି), ବୀରମିତ୍ରପୁର ପୌରପାଳିକା, ରାଜଗାଙ୍ଗପୁର ପୌରପାଳିକା ଓ ସୁନ୍ଦରଗଡ଼ ପୌରପାଳିକାରୁ ପ୍ରତ୍ୟହ ନିର୍ଗତ ହେଉଥିବା ସମସ୍ତ ବର୍ଜ୍ୟବସ୍ତୁର ସଫଳ ପ୍ରକ୍ରିୟାକରଣ କରାଯାଇପାରୁନାହିଁ।

ଜିଲ୍ଲାର ଏହି ୪ ପ୍ରମୁଖ ସହରାଞ୍ଚଳରୁ ଦୈନିକ ପ୍ରାୟ ୧୫୫.୩୯ ମେଟ୍ରିକ ଟନ୍ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି। ତେବେ ସେଥିମଧ୍ୟରୁ ମାତ୍ର ୫୭.୪୬ ମେଟ୍ରିକ ଟନ୍ (୩୬.୯୭%) ଆବର୍ଜନାର ପ୍ରକ୍ରିୟାକରଣ କରାଯାଉଥିବାବେଳେ ଅବଶିଷ୍ଟ ପ୍ରାୟ ୯୭.୯୩ ମେଟ୍ରିକ ଟନ୍ କଠିନ ବର୍ଜ୍ୟବସ୍ତୁ ବିଭିନ୍ନ ସ୍ଥାନରେ ଖୋଲାଖୋଲି ଭାବେ ଡମ୍ପିଂ କରାଯାଉଛି। ଯାହାକି ବ୍ୟାପକ ପରିବେଶ ପ୍ରଦୂଷଣର କାରଣ ସାଜିଛି। ଆରଏମ୍‌ସି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଦୈନିକ ପ୍ରାୟ ୧୧୩.୭୦ ମେଟ୍ରିକ ଟନ୍ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ଏହା ଯେ ଏଥିରୁ ମାତ୍ର ୪୦ ମେଟ୍ରିକ ଟନ୍ (୩୫.୧୮) ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଉଛି। ସହରର ଜୈବବିଘଟନ ଯୋଗ୍ୟ ବର୍ଜ୍ୟବସ୍ତୁକୁ ଖତରେ ରୂପାନ୍ତରିତ କରିବା ପାଇଁ ଆରଏମ୍‌ସି ପକ୍ଷରୁ ମୋଟ ୮ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ପ୍ରତିଷ୍ଠା କରାଯାଇଛି। ତେବେ ସୃଷ୍ଟି ହେଉଥିବା ଆବର୍ଜନା ତୁଳନାରେ ଏହି ସମସ୍ତ କେନ୍ଦ୍ରଗୁଡ଼ିକର ସାମଗ୍ରିକ ପ୍ରକ୍ରିୟାକରଣ କ୍ଷମତା ଯଥେଷ୍ଟ କମ୍ ରହିଥିବାରୁ ଅବଶିଷ୍ଟ ପ୍ରାୟ ୭୩.୭୦ ମେଟ୍ରିକ ଟନ୍ ଆବର୍ଜନା ବିନା କୌଣସି ପ୍ରକ୍ରିୟାକରଣରେ ଖୋଲାଖୋଲି ଭାବେ ଡମ୍ପିଂ କରାଯାଉଛି। ଅନୁରୂପ ଭାବେ, ଜିଲ୍ଲାର ଅନ୍ୟ ତିନିଟି ପୌରପାଳିକାର ସ୍ଥିତି ମଧ୍ୟ ଉଦ୍‌ବେଗଜନକ।

ବୀରମିତ୍ରପୁର ପୌରପାଳିକାରେ ପ୍ରତିଦିନ ୧୦.୮୧ ମେଟ୍ରିକ ଟନ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ବେଳେ ମାତ୍ର ୫ ମେଟ୍ରିକ ଟନ୍ ବର୍ଜ୍ୟବସ୍ତୁର




ପ୍ରକ୍ରିୟାକରଣ ହୋଇପାରୁଛି। ସେହିଭଳି ରାଜଗାଙ୍ଗପୁର ପୌରପାଳିକାରୁ ବାହାରୁଥିବା ୧୬.୪୩ ମେଟ୍ରିକ ଟନ୍ କଠିନ ଆବର୍ଜନା ମଧ୍ୟରୁ କେବଳ ୫ ମେଟ୍ରିକ ଟନ୍ ଏବଂ ସୁନ୍ଦରଗଡ଼ ପୌରପାଳିକାରେ ଉତ୍ପନ୍ନ ହେଉଥିବା ୧୪.୪୫ ମେଟ୍ରିକ ଟନ୍ ଆବର୍ଜନା ମଧ୍ୟରୁ ମାତ୍ର ୭.୪୬ ମେଟ୍ରିକ ଟନ୍ ବର୍ଜ୍ୟବସ୍ତୁ ସଫଳତାର ସହ ପ୍ରକ୍ରିୟାକରଣ କରାଯାଉଛି। ଫଳସ୍ୱରୂପ, ସହରାଞ୍ଚଳଗୁଡିକରେ ସଂଗୃହୀତ ହେଉଥିବା ଏହି କଠିନ ବର୍ଜ୍ୟବସ୍ତୁର ବଳକା ଅଂଶ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ସାଜିଛି। ଯଦି ପ୍ରଶାସନ ପକ୍ଷରୁ ଅବିଳମ୍ବେ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କ୍ଷମତା ବୃଦ୍ଧି କରାନଯାଏ, ତା'ହେଲେ ଆଗାମୀ ଦିନରେ ଏହି ସହରାଞ୍ଚଳଗୁଡ଼ିକ ଏକ ବଡ଼ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

# ଦେବୀ ନଦୀ ମୁହାଣରୁ ମିଳିଲା ବିରଳ ଶାମୁକା

**କଟକ :** ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନର ଛାତ୍ରଛାତ୍ରୀ ପୁରୀ ଜିଲ୍ଲାର ଦେବୀ ନଦୀ ମୁହାଣରୁ ଏକ ନୂତନ ପ୍ରଜାତିର ଶାମୁକା ଆବିଷ୍କାର କରିଛନ୍ତି। ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଏହି ପ୍ରଜାତିର ଶାମୁକା ମିଳନ୍ତି ନାହିଁ ବୋଲି ଦେଶବିଦେଶର ବହୁ ଗବେଷକ ମତ ରଖିଛନ୍ତି। ଏହି ଶାମୁକାର ନାମକୁ ବିଭାଗ ପକ୍ଷରୁ 'ଡେଲ୍ଟାକିଓନ୍ ରେଭେନ୍ସା' ରଖାଯାଇଛି। ଗତ ଫେବ୍ରୁଆରି ମାସରେ ବିଭାଗର ଛାତ୍ରଛାତ୍ରୀ ଦେବୀ ନଦୀ ମୁହାଣରୁ ଏହି ନୂତନ ପ୍ରଜାତିର ମୃତ ଶାମୁକା ପାଇଥିଲେ। ଏହି ଗବେଷଣା ସଂପର୍କିତ ତଥ୍ୟ ଅନ୍ତର୍ଜାତୀୟସ୍ତରର ବିଜ୍ଞାନ ପତ୍ରିକା 'ବାସ୍‌ଟେରିଆ'ର ୯୦ତମ ସଂସ୍କରଣରେ ପ୍ରକାଶିତ ହୋଇଛି। ଏହାସହ 'ୱାର୍ଲଡ ରେଜିଷ୍ଟର ଅଫ୍ ମେରିଆନ୍ ସ୍ପେସିସ୍ ସାଇଟ୍‌ରେ ଏହାକୁ ସ୍ଥାନ ଦିଆଯାଇଛି।

ଗତ ଫେବୃଆରୀରେ ଦେବୀ ନଦୀ ମୁହାଣରୁ ମିଳିଥିବା ନୂତନ ପ୍ରଜାତିର ୩ଟି ମୃତ ଶାମୁକାଙ୍କୁ ରେଭେନ୍ସାର ପରୀକ୍ଷାଗାରକୁ ଆଣି ଗବେଷଣା କରାଯାଇଥିଲା। ଏହି ୩ଟି ମୃତ ଶାମୁକାରେ ବହୁ ଭିନ୍ନତା ଦେଖିବାକୁ ମିଳିଥିଲା। ଶାମୁକାର ଉପର ଅଂଶର ଗଠନ, ରଙ୍ଗ, ଦାନ୍ତ ପରି ଥିବା ଶାମୁକାର ଧାର ଇତ୍ୟାଦି ଭିନ୍ନ ଥିବା ଗବେଷଣାରୁ ଜଣାପଡ଼ିଥିଲା। ଶାମୁକା ଉପର ଅଂଶଟି ଜାଲ ପରି ହୋଇଥିବା ବେଳେ ଏହା ମଧ୍ୟରେ ଥିବା ଗାରଗୁଡ଼ିକ ଅସ୍ପଷ୍ଟ ରହିଛି।



ଶାମୁକାର ଉପର ଅଂଶଟି ୮୦ ଡିଗ୍ରିର ମୋଡ଼ ରହିଛି। ଅନ୍ୟ ପ୍ରଜାତିର ଶାମୁକାଙ୍କ ନିକଟରେ ଏହି ଉପର ମୋଡ଼ଟି ଶହେରୁ ୧୨୦ ଡିଗ୍ରି ରହିଥାଏ। ଗବେଷଣା ରିପୋର୍ଟକୁ ନେଦରଲାଣ୍ଡର ବିଶିଷ୍ଟ ସାମୁଦ୍ରିକ ପ୍ରାଣୀ ଗବେଷକ ହେନ୍ ରାଭେନ୍‌ଙ୍କ ନିକଟକୁ ପଠାଯାଇଥିଲା। ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଏଭଳି ପ୍ରଜାତିର ଶାମୁକା ଦେଖିବାକୁ ମିଳୁ ନଥିବା ଗବେଷକ ରାଭେନ୍ ସ୍ପଷ୍ଟ କରିଥିଲେ।

ଏହାପରେ ବିଭାଗ ପକ୍ଷରୁ ଅଧିକ ଗବେଷଣା କରାଯାଇଥିଲା। ଏହି ପ୍ରଜାତିର ଶାମୁକା ଲୁଣି କିମ୍ବା ମଧୁର ପାଣି ବଦଳରେ ଖାରିଆ ପାଣିରେ ରହୁଥିବା ଜଣାପଡ଼ିଥିଲା। ସେହିପରି ଜନବସତି ଦୂରରେ ତଥା ନଦୀ ମୁହାଣର ୨ରୁ ୪ ଇଞ୍ଚ ବାଲି ତଳେ ଏହି ପ୍ରଜାତିର ଶାମୁକାଗୁଡ଼ିକ ରହୁଥିବା ଗବେଷଣାରୁ ସୂଚନା ମିଳିଛି। ବିଭିନ୍ନ ପ୍ରକାରର ସାମୁଦ୍ରିକ ପ୍ରାଣୀଙ୍କ ଶରୀରରେ ଥିବା ପ୍ରୋଟିନ୍, ନିଉଟ୍ରିଏଣ୍ଟ ଆଦିରୁ ବହୁ ରୋଗ ପାଇଁ ଔଷଧ ପ୍ରସ୍ତୁତ କରାଯାଉଛି। ତେବେ ଉକ୍ତ ପ୍ରଜାତିର ଜୀବନ୍ତ ଶାମୁକା ମିଳିବା ପରେ ଏହା ଉପରେ ଅଧିକ ଗବେଷଣା କରାଯିବ ବୋଲି ବିଭାଗର ଗବେଷକ ସଂଜୟ ଦଳାଇ ଓ ଅପର୍ଣ୍ଣା ମିଶ୍ର କହିଛନ୍ତି। ଏହି ପ୍ରଜାତିର ଜୀବନ୍ତ ଶାମୁକା ଆବିଷ୍କାର ପାଇଁ ରାଜ୍ୟ ସରକାର ଓ ଓଡ଼ିଶା ଜୈବ ବିବିଧତା ବୋର୍ଡ (ଓବିବି)ରୁ ସହଯୋଗ ଓ ସହାୟତା ଆବଶ୍ୟକ ରହିଛି ବୋଲି ବିଭାଗର ପ୍ରଫେସର ଡକ୍ଟର ଦୀପ୍ତି ରାଉତ କହିଛନ୍ତି। ଏହି ଗବେଷଣା ବିଶ୍ୱବିଦ୍ୟାଳୟର ଗୌରବକୁ ଆଉ ଏକ ପାଦ ଆଗକୁ ନେଇଛି। ଏଥିପାଇଁ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କୁଳପତି ପ୍ରଫେସର ଡକ୍ଟର ଅର୍କକୁମାର ଦାସମହାପାତ୍ର।

# ଲଗାଣ ବର୍ଷା: ଜଳକା, ମଥାନୀରେ ସତର୍କ ସଙ୍କେତ

ବାଲେଶ୍ୱର: ଲଗାଣ ବର୍ଷାରେ ବଢୁଛି ଜଳକା ନଦୀର ଜଳସ୍ତର। ବସ୍ତାର ମଥାନୀ ଠାରେ ସତର୍କ ସଙ୍କେତ ଅତିକ୍ରମ କରିଛି ନଦୀର ଜଳ। ଉପରମୁଣ୍ଡ ମୟୂରଭଞ୍ଜରେ ପ୍ରବଳ ବର୍ଷା ସହ ଜଳକା ନଦୀ ଅବବାହିକାରେ ଲଗାଣ ବର୍ଷା ଯୋଗୁଁ ଜଳସ୍ତର କ୍ରମଶଃ ବଢୁଛି। ମଥାନୀରେ ସତର୍କ ସଙ୍କେତ ୬ ମିଟର ଥିବା ବେଳେ ବିପଦ ସଙ୍କେତ ରହିଛି ୬ ଦଶମିକ ୫ ମିଟର।

ଏବେ ଜଳସ୍ତର ୬ ଦଶମିକ ୨୬ ମିଟରରେ ପହଞ୍ଚିଛି। ଚଳିତ ବର୍ଷ ବାରମ୍ବାର ବନ୍ୟା ଯୋଗୁଁ ବସ୍ତା ବ୍ଲକର ହଜାର ହଜାର ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ପୁଣି ବନ୍ୟା ଆସିଲେ ବସ୍ତାର ୯ରୁ ଅଧିକ ପଞ୍ଚାୟତ ଓ ସଦର ବ୍ଲକର ୨ଟି ପଞ୍ଚାୟତ ପ୍ରଭାବିତ ହେବା ଆଶଙ୍କା ରହିଛି। ଜଳସ୍ତର ବଢୁଥିବାରୁ ନଦୀକୂଳିଆ ଲୋକଙ୍କ ମନରେ ଛନକା।...

ଲଗାଣ ବର୍ଷା ଯୋଗୁଁ ବଢୁଛି ବୁଢ଼ାବଳଙ୍ଗ ନଦୀର ଜଳସ୍ତର। ବାଲେଶ୍ୱରରେ ବୁଢାବଳଙ୍ଗର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି ବୁଢ଼ାବଳଙ୍ଗ ନଦୀର ଜଳସ୍ତର। ସତର୍କ ସଙ୍କେତ ୭.୨୧ ମିଟର ଥିବା ବେଳେ ସକାଳ ୯ଟା ସୁଦ୍ଧା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୭.୪୦ ମିଟରରେ ପ୍ରବାହିତ ହେଉଛି। ଯଦି ନଦୀରେ ଜଳସ୍ତର ଆହୁରି ବୃଦ୍ଧି ପାଏ ତେବେ ପୁନର୍ବାର ତଳିଆ ଅଞ୍ଚଳର ଗାଁ ଗୁଡିକରେ ବଢ଼ି ପାଣି ପଶି ବନ୍ୟା ଆସିବାର ଆଶଙ୍କା ରହିଛି।

# ପାହାଡ଼ରୁ ହଠାତ୍ ଖସିଲା ବିରାଟକାୟ ପଥର, ଆତଙ୍କିତ ଜନସାଧାରଣ

**ବ୍ରହ୍ମପୁର :** ପ୍ରବଳ ବର୍ଷା ପ୍ରଭାବରେ ୧୬ ନମ୍ବର ଜାତୀୟ ରାଜପଥର ବଡ଼ ଘାଟିରେ ପାହାଡ଼ରୁ ଖସିଲା ବିରାଟକାୟ ପଥର। ବ୍ରହ୍ମପୁରରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଏହି ରାସ୍ତାରେ ହଠାତ୍ ପଥର ଖସିବା ପରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ଏଥିସହିତ ପାହାଡ଼ରୁ ଆହୁରି ଭୂସ୍ଖଳନ ହେବାର ଆଶଙ୍କା ବଢ଼ିଯାଇଥିବାରୁ ଯାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଘଟଣାସ୍ଥଳରେ ସ୍ଥାନୀୟ ପ୍ରଶାସନ ସହ ଅଗ୍ନିଶମ ବାହିନୀ ପହଞ୍ଚି ତୁରନ୍ତ ରାସ୍ତା ସଫେଇ କାର୍ଯ୍ୟ ଜାରି ରଖିଛନ୍ତି। ବ୍ରହ୍ମପୁରରୁ ଭୁବନେଶ୍ୱର ଯାଉଥିବା ୧୬ ନମ୍ବର ଜାତୀୟ ରାଜପଥରେ ଅଟକି ରହିଛି ଶହ ଶହ ଗାଡି । ମାଲକାନଗିରି ଜିଲ୍ଲାର ବାୟାପଡ଼ା ଘାଟିରେ ଲଗାଣ ବର୍ଷା ଯୋଗୁଁ ଭୂସ୍ଖଳନ ସହ ଗଛଗୁଡ଼ିକ ଉପୁଡ଼ି ପଡ଼ିଛି। ଫଳରେ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି। ଲଗାତାର ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟାରେ ଜିଲ୍ଲାରେ ମୋଟ ୬୧୩.୮୦ ମିଲିମିଟର ବର୍ଷା ରେକର୍ଡ ହୋଇଛି । ହାରାହାରି ୯୪.୭୫ ମିଲିମିଟର ବର୍ଷା ହୋଇଛି । ବର୍ଷା ଲାଗି ରହିଥିବାରୁ ଘାଟି ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ମଧ୍ୟ ରହିଛି। ଏପଟେ ରାସ୍ତାରୁ ମାଟି ହଟାଇବା ସହ ଉପୁଡ଼ି ପଡ଼ିଥିବା ଗଛଗୁଡ଼ିକ କାଟି ରାସ୍ତା ସଫା କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।

ଓଡ଼ିଶା ନିଶବ୍ଦ
ନିର୍ଭିକ ଓ ନିରପେକ୍ଷ ଖବର
ODISHA NISHABDA
epaper.odishanishabda.com

# ଚର୍ବି କମାଇବ ନଡିଆ ତେଲ





ନଡିଆ ତେଲ କେବଳ ତ୍ୱଚା ଓ କେଶକୁ ପୋଷଣ ଦିଏ ବୋଲି ବହୁ ଲୋକଙ୍କ ଧାରଣା। ଏହା ବ୍ୟତୀତ ପେଟରେ ବଢୁଥିବା ଅତ୍ୟଧିକ ଚର୍ବିକୁ ବି କମ୍ କରିପାରିବ। ଏହା ମେଟାବୋଲିଜିମ୍ ପ୍ରକ୍ରିୟାକୁ ବଢାଇବା ସହ ପାଚନ କ୍ରିୟାକୁ ସକ୍ରିୟ କରିଥାଏ। ତେଣୁ ନଡିଆ ତେଲ ଶରୀରରେ ଚର୍ବି ଜମିବାର ଆଶଙ୍କାକୁ କମ୍ କରିଥାଏ। ତା' ସହ ଏଥିରେ ଥିବା ଫ୍ୟାଟ୍ ଏସିଡ୍ ଓଜନ କମ୍ କରିଥାଏ। ତେଣୁ ଆପଣ ଚର୍ବି କମାଇବା ପାଇଁ ନଡିଆ ତେଲ ବ୍ୟବହାର କରିପାରିବେ।

### ନଡିଆ ତେଲ, ଲେମ୍ବୁ ଓ ଗରମ ପାଣି

ଲେମ୍ବୁରେ ଥିବା ଭିଟାମିନ୍ ସି ପାଚନ କ୍ରିୟାକୁ ସକ୍ରିୟ କରିଥାଏ। ତା ସହିତ ଶରୀରୁ ବିଷାକ୍ତ ପଦାର୍ଥକୁ ବାହାର କରେ। ତେଣୁ ଲେମ୍ବୁ ରସ ସହ ନଡିଆ ତେଲ ମିଶାଇ ପିଇବା ଦ୍ୱାରା ଅତିରିକ୍ତ ଚର୍ବି କମିଥାଏ। ଏକ ଗ୍ଲାସ୍ ଗରମ ପାଣିରେ ଅଧା ଚାମଚ ଲେମ୍ବୁ ରସ ଓ ଏକ ଚାମଚ ନଡିଆ ତେଲ ପକାଇ ପିଇଲେ ଚର୍ବି ଉପରେ ସିଧାସଳଖ ପ୍ରଭାବ ପଡିଥାଏ।

### ନଡିଆ ତେଲ ଓ ମହୁ

ଓଜନ କମାଇବା ପାଇଁ ବହୁ ଲୋକ ମହୁ ବ୍ୟବହାର କରିଥାନ୍ତି। ତେଣୁ ନିୟମିତ ସକାଳେ ଏକ ଗ୍ଲାସ ଗରମ ପାଣିରେ ସମାନ ପରିମାଣର ମହୁ ଓ ନଡିଆ ତେଲ ମିଶାଇ ପିଇଲେ ଚର୍ବି ଉପରେ ବେଶି ପ୍ରଭାବ ପଡିଥାଏ। ଏହି ମିଶ୍ରଣ ଫଳରେ ବହୁ ସମୟ ଯାଏ ଭୋକ ଲାଗିନଥାଏ। ଆଉ ଫ୍ୟାଟ୍ ବର୍ଣ୍ଣିଂ ପକ୍ରିୟା ତୀବ୍ର ହୋଇଥାଏ।

### ନଡିଆ ତେଲ ଓ ଗ୍ରୀନ୍ ଟି

ଓଜନ କମ୍ କରିବାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ଗ୍ରୀନ୍‌ଟି ବେଶ୍ ଲାଭକାରୀ ହୋଇଥାଏ। କାରଣ ଏହା ମେଟାବୋଲିଜିମ୍ ପ୍ରକ୍ରିୟାକୁ ବଢାଇବା ସହ ଫ୍ୟାଟ୍‌କୁ କମ୍ କରିଥାଏ। ନଡିଆ ତେଲ ଓ ଗ୍ରୀନ୍ ଟି ମିଶାଇ ପିଇବା ଦ୍ୱାରା ଅଧିକ ସମୟ ଯାଏ ଭୋଗ ଲାଗିନଥାଏ, ଫଳରେ ଓଜନ କମ୍ ମଧହୋଇଥାଏ।

# ଓଁ ଶବ୍ଦର ଚମତ୍କାରିତା

- ଓଁ ଉଚ୍ଚାରଣ କଲେ ଗଳାରେ ସ୍ପନ୍ଦନ ସୃଷ୍ଟି ହୋଇଥାଏ, ଯାହାଦ୍ୱାରା ଥାଇରଏଡ୍ ସମସ୍ୟାରୁ ମୁକ୍ତି ମିଳିଥାଏ।
- ଟେନ୍‌ସନ୍ ଏବଂ ଚାପରୁ ମୁକ୍ତି : ଓଁ ଉଚ୍ଚାରଣ କଲେ ମାନସିକ ଶାନ୍ତି ମିଳିଥାଏ। ଯଦ୍ଦ୍ୱାରା ଚାପ ଦୂର ହୋଇଥାଏ।
- ଓଁ ଉଚ୍ଚାରଣ କରିବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ରକ୍ତରେ ଅମ୍ଳଜାନ ସ୍ତର ବଢିଥାଏ।
- ଓଁ ଉଚ୍ଚାରଣ କଲେ ଫୁସ୍‌ଫୁସ୍, ରକ୍ତଚାପ ଏବଂ ରକ୍ତ ପ୍ରବାହ ଠିକ୍ ଭାବେ ହୋଇଥାଏ। ଯଦ୍ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ।
- ଓଁ ଉଚ୍ଚାରଣ କରିବା ଦ୍ୱାରା ଏକାଗ୍ରତା ବଢିଥାଏ। ମସ୍ତିଷ୍କ ମଧ ସକ୍ରିୟ ରହିଥାଏ।

# ଜିମ୍‌ରେ କାହିଁକି ଆସେ ହାର୍ଟ ଆଟାକ୍ ଜାଣନ୍ତୁ



ବିଶେଷଜ୍ଞଙ୍କ ଅନୁସାରେ, ସାଧାରଣ ଭାବେ ବ୍ୟାୟାମ ହାର୍ଟ ଆଟାକ୍‌ର କାରଣ ନୁହେଁ। ନିୟମିତ ଏବଂ ଠିକ୍ ଭାବରେ ବ୍ୟାୟାମ କଲେ ହୃଦୟ ସୁସ୍ଥ ରହିଥାଏ। କିନ୍ତୁ ଯେଉଁମାନଙ୍କ ହାର୍ଟର ଧମନୀରେ ପୂର୍ବରୁ ବ୍ଲକେଜ୍ ରହିଛି କିମ୍ବା ହୃଦରୋଗ ଅଛି, ସେମାନଙ୍କ ପାଇଁ ହଠାତ୍ ଅଧିକ ଜୋରରେ ବ୍ୟାୟାମ କରିବା ବିପଜ୍ଜନକ ହୋଇପାରେ।

ବ୍ୟାୟାମ ସମୟରେ ହାର୍ଟବିଟ୍ ବଢ଼ିବା ସହ ଶରୀରକୁ ଅଧିକ ଅକ୍ସିଜେନ୍ ଆବଶ୍ୟକ ହୁଏ। ଧମନୀରେ ବ୍ଲକେଜ୍ ଥିଲେ ହଠାତ୍ ଅଧିକ ପରିଶ୍ରମ ଦ୍ୱାରା ପ୍ଲାକ୍ ଭାଙ୍ଗି ରକ୍ତ ଜମାଟ ବାନ୍ଧିପାରେ। ଏହା ହାର୍ଟ ଆଟାକ୍ କିମ୍ବା କାର୍ଡିଆକ୍ ଆରେଷ୍ଟର କାରଣ ହୋଇପାରେ। ଶରୀରରୁ ଫିଟ୍ କିମ୍ବା ମସଲ୍ ଥିବା ଦେଖାଯିବା ମାତ୍ରେ ହାର୍ଟ ସୁସ୍ଥ ବୋଲି ଧରିନେବା ଠିକ୍ ନୁହେଁ। କମ୍ ବୟସରେ ମଧ କିଛି ଜେନେଟିକ୍ ହୃଦରୋଗ ଥାଇପାରେ। ଛାତିରେ ଚାପ ବା ଯନ୍ତ୍ରଣା, ବାମ ହାତରୁ କାନ୍ଧ, ଜହ୍ନ କିମ୍ବା ପିଠିକୁ ଯନ୍ତ୍ରଣା, ହଠାତ୍ ନିଶ୍ୱାସ ଫୁଲିବା, ଥଣ୍ଡା ଝାଳ ଏବଂ ହୃଦସ୍ପନ୍ଦନ ଅସ୍ୱାଭାବିକ ଭାବେ ବଢ଼ିବା ଭଳି ଲକ୍ଷଣକୁ କେବେ ଅଣଦେଖା କରନ୍ତୁ ନାହିଁ। ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସା ସହାୟତା ନିଅନ୍ତୁ।

# ସଦ୍ଦାମଠୁ ଭୁଟ୍ଟୋ : ଏବେ କ'ଣ ହାସିନାଙ୍କ ପାଳି !



ଦୁନିଆର ଇତିହାସ ଯଦି ଦେଖିବା, ତେବେ ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ ହାସିନା କେବଳ ନୁହଁନ୍ତି; ଏମିତି ୧୦ ନେତା, ଯେଉଁମାନଙ୍କୁ କେବେ ନ୍ୟାୟିକ ପ୍ରକ୍ରିୟାରେ ତ କେବେ ଫୌଜି ଶାସନରେ ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଛି। ପ୍ରଥମେ ଇରାକ୍, ୧୯୮୦ରୁ ୧୯୯୦; ସଦ୍ଦାମ ହୁସେନ୍ ୧୦ବର୍ଷ ଧରି ଇରାକ୍ର ଶାସନକର୍ତା ଥିଲେ। କିନ୍ତୁ ୨୦୦୩ରେ ଇରାକ ଉପରେ ଆମେରିକା ଆକ୍ରମଣ କଲା, ଏବଂ ମାନବିକତାରର ଅପରାଧୀଭାବେ ସଦ୍ଦାମ ହୁସେନଙ୍କୁ ଡିସେମ୍ବର ୩୦, ୨୦୦୬ ମସିହାରେ ଫାଶୀ ଦେଇଥିଲା ଆମେରିକା। **ଦ୍ୱିତୀୟ**ରେ, ପାକିସ୍ତାନର ରାଜନୀତିରେ ସବୁଠୁ ବଡ଼ ବିବାଦୀୟ ନିଷ୍ପତ୍ତି ଥିଲା ଲୋକତାନ୍ତ୍ରିକ ରାଜନୀତିର ସ୍ତମ୍ଭ କୁହାଯାଉଥିବା ପ୍ରଧାନମନ୍ତ୍ରୀ ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କୁ ଫାଶୀ ଦେବା। କିନ୍ତୁ କାହା କଥା ଶୁଣି ନଥିଲେ ଫୌଜି ଶାସକ ଜିୟା ଉଲ୍ ହକ୍। ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବି ୧୯୭୯ ମସିହାରେ ଭୁଟ୍ଟୋଙ୍କୁ ଫାଶୀଖୁଣ୍ଟରେ ଚଢ଼ାଇ ଦେଇଥିଲେ ଜିୟା ଉଲ୍ ହକ୍। **ତୃତୀୟ**ରେ, ଆଫଗାନିସ୍ତାନର ରାଷ୍ଟ୍ରପତି ମୋହମ୍ମଦ ନଜୀବୁଲ୍ଲାହ। ୧୯୯୬ ମସିହାରେ ଯାହାଙ୍କୁ ରାସ୍ତା ଉପରେ ଫାଶୀ ଦେଇଥିଲା ତାଲିବାନ୍। ଚତୁର୍ଥରେ ଇମ୍‌ରେ ନାଗି। ୧୯୫୬ରେ ହଙ୍ଗେରିୟନ୍ କ୍ରାନ୍ତିରେ ପ୍ରଧାନମନ୍ତ୍ରୀ ଇମରେ ନାଗୀଙ୍କ ନାଁ ଗୋଟା ବିଶ୍ୱ ଜାଣିଥିଲା। ସୋଭିଏତ ସଂଘ ବିରୋଧରେ ତାଙ୍କ ବିଦ୍ରୋହ ଥିଲା। କିନ୍ତୁ କ୍ରାନ୍ତି ବିଫଳ ହେବାପରେ ତାଙ୍କୁ ଗିରଫ କରାଯାଇଥିଲା, ଏବଂ ୧୯୫୮ ମସିହାରେ ଫାଶୀ ଦିଆଯାଇଥିଲା। ୩୧ବର୍ଷ ତାଙ୍କୁ ରାଷ୍ଟ୍ରୀୟ ନାୟକ ଘୋଷିତ କରାଯାଇଥିଲା, ଏବଂ ୧୯୮୯ ମସିହାରେ ତାଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ସମ୍ମାନ ସହ ଅନ୍ତିମ ସଂସ୍କାର କରାଯାଇଥିଲା। ୫ରେ ହିଦେକୀ ତୋଜୋ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ପ୍ରଧାନମନ୍ତ୍ରୀ ଥିବା ଜେନେରାଲ୍ ହିଦେକୀ ତୋଜୋଙ୍କୁ ମାନବିକତାର ଅପରାଧୀଭାବେ ଦୋଷୀ କରାଯାଇଥିଲା। ଏବଂ ଟୋକିଓ ଟ୍ରାୟଲସ୍ ପରେ, ୧୯୪୮ ମସିହାରେ ତୋଜୋଙ୍କୁ ଫାଶୀ ଦିଆଯାଇଥିବାବେଳେ, ୬ରେ ରୋମାନିଆର ତାନାଶାହ ନିକୋଲା ଚାଓଶେସ୍‌କୁ। ୧୯୮୯ ମସିହାରେ ଦେଶରେ ବିଦ୍ରୋହ ଚାଲିଥିବାବେଳେ ଗିରଫ କରାଯାଇଥିଲା, ଏବଂ ପତ୍ନୀ ଏଲେନା ସହିତ ସେନା ଅଦାଲତରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯିବାପରେ, ଗୁଳି ମାରି ହତ୍ୟା କରାଯାଇଥିଲା। ନିକୋଲା ଚାଓଶେସ୍‌କୁଙ୍କ ପତନ ପରେ ପୂର୍ବ ୟୁରୋପରେ ସାମ୍ୟବାଦୀ ଶାସନର ଅନ୍ତ ଘଟିଥିଲା। ୮ରେ ସାଉଦି ଆରବ ରାଜକୁମାର ମକସୁଦ୍ ବିନ୍ ଅବଦୁଲ୍ ଅଜିଜ। ପ୍ରେମ ସମ୍ପର୍କ ଯୋଗୁଁ ବିବାଦୀୟ କାଣ୍ଡ ପାଇଁ ତାଙ୍କ ମୁଣ୍ଡ କାଟି ହତ୍ୟା କରାଯାଇଥିବାବେଳେ, ୯ରେ ରୋମାନିଆ ପ୍ରଧାନମନ୍ତ୍ରୀ ନିକୋଲାଦ୍ ମେରୋଜୋଭ। ୧୯୪୦ ମସିହାରେ ସୈନ୍ୟ ବିଦ୍ରୋହ ଏବଂ ରାଜନେ?ତିକ ଷଡଯନ୍ତ୍ର ପାଇଁ ତାଙ୍କୁ ଫାଶୀ ଦିଆଯାଇଥିଲା। ଏବଂ ୧୦ରେ ଆସିବ ସିରିଆ। ସୈନ୍ୟଶକ୍ତିରେ ସିରିଆକୁ ଦଖଲ କରିଥିଲେ ହୋସନୀ ଜେଅମ୍। କିନ୍ତୁ ୪ ମାସ ଭିତରେ ତାଙ୍କୁ କ୍ଷମତାଚ୍ୟୁତ ହେବାକୁ ପଡ଼ିଥିଲା, ଆଉ କ୍ଷମତାଚ୍ୟୁତ ହେଉହେଉ ୧୯୪୯ରେ ଗୁଳି ଖାଇ ମୃତ୍ୟୁଦଣ୍ଡ ଭୋଗିଥିଲେ ହୋସନୀ ଜୈମ୍।

# ଶିକ୍ଷା ପାଇଁ ଓଡ଼ିଶାରୁ ଛତିଶଗଡ଼ ସାଇକେଲରେ ୨୬ କିମି





**ନବରଙ୍ଗପୁର :** ସୀମା ଅଲଗା, ରାଜ୍ୟ ଅଲଗା । ହେଲେ ଶିକ୍ଷା ପାଇଁ ନାହିଁ କୌଣସି ସୀମା । ନିଜ ଅଞ୍ଚଳରେ ଉଚ୍ଚଶିକ୍ଷାର ସୁବିଧା ନଥିବାରୁ ପ୍ରତିଦିନ ଓଡ଼ିଶାରୁ ଛତିଶଗଡ଼ ଯାଉଛନ୍ତି ଜଣେ ଛାତ୍ରୀ । ସ୍କୁଲ୍ ଯିବା ପାଇଁ ପ୍ରତିଦିନ ତାଙ୍କୁ ପ୍ରାୟ ୨୬ କିଲୋମିଟର ସାଇକେଲ୍ ଚଳାଇବାକୁ ପଡୁଛି। ଏଥିରେ ଜଙ୍ଗଲ ରାସ୍ତା ବି ରହିଛି। ହେଲେ ପାଠପଢ଼ା ପ୍ରତି ତାଙ୍କ ଆଗ୍ରହ ଆଗରେ ସବୁ ବାଧା ଫିକା ପଡ଼ିଯାଇଛି। ସେ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କାଉଡୋଲା ପଞ୍ଚାୟତ ତାରଙ୍ଗପୁରୀ ଗାଁର ମିଲେଶ୍ୱରୀ ନେତାମ । ନିଜ ଅଞ୍ଚଳରେ ଉଚ୍ଚଶିକ୍ଷାର ସୁବିଧା ନଥିବାରୁ ସେ ପ୍ରତିଦିନ ସାଇକେଲ୍ ଯୋଗେ ଛତିଶଗଡ଼ ଯାଉଛନ୍ତି । ପ୍ରତିଦିନ ମିଲେଶ୍ୱରୀ ୧୩ କିଲୋମିଟର ସାଇକେଲ୍ ଚଳାଇ ଛତିଶଗଡ଼ର ସ୍କୁଲ୍‌ରେ ପହଞ୍ଚନ୍ତି । ପାଠପଢ଼ା ସରିବା ପରେ ପୁଣି ୧୩ କିଲୋମିଟର ସାଇକେଲ୍ ଚଳାଇ ଘରକୁ ଫେରନ୍ତି। ଅର୍ଥାତ୍ ଶିକ୍ଷା ପାଇଁ ତାଙ୍କର ପ୍ରତିଦିନ ପ୍ରାୟ ୨୬ କିଲୋମିଟର ଯାତ୍ରା ।

ରାସ୍ତାରେ ଜଙ୍ଗଲ ଥିଲେ ବି ତାଙ୍କ ମନରେ ରହିଛି ବଡ଼ ସ୍ୱପ୍ନ। ଏହି ଦୈନିକ ଯାତ୍ରା ତାଙ୍କୁ ଥକାଇ ପାରିନାହିଁ । ମିଲେଶ୍ୱରୀ ପାଠପଢ଼ା ଆରମ୍ଭ କରିବା ସମୟରେ ତାଙ୍କ ଅଞ୍ଚଳରେ ସ୍କୁଲ୍ ନଥିଲା । ତେଣୁ ସେ ଛତିଶଗଡ଼ର ମୁନବୋରେଇରେ ବଡ଼ବାପାଙ୍କ ଘରେ ରହି ଅଷ୍ଟମ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ପରେ ସେଠାରେ ଉଚ୍ଚଶିକ୍ଷାର ସୁବିଧା ନଥିବାରୁ ନିଜ ଘରକୁ ଫେରିଥିଲେ। ହେଲେ ଓଡ଼ିଶା ଓ ଛତିଶଗଡ଼ର ପାଠ୍ୟକ୍ରମ ମଧ୍ୟରେ ତଫାତ ଯୋଗୁଁ ପୁଣି ଛତିଶଗଡ଼ରେ ପାଠ ପଢ଼ିବାକୁ ପଡ଼ିଥିଲା। ଏବେ ସେ ଛତିଶଗଡ଼ର ଘୁଟକେଲ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀରେ ପଢୁଛନ୍ତି । ମିଲେଶ୍ୱରୀଙ୍କ ଆଧାର କାର୍ଡ ଓଡ଼ିଶାର ହୋଇଥିବାରୁ ଛତିଶଗଡ଼ର ବିଦ୍ୟାଳୟରେ ତାଙ୍କୁ ସରକାରୀ ସୁବିଧା ମିଳୁନଥିବା କୁହାଯାଇଛି। ତଥାପି ପାଠପଢ଼ା ପ୍ରତି ତାଙ୍କ ଆଗ୍ରହ କମିନାହିଁ। ପାଠପଢ଼ା ସହ ସମୟ ମିଳିଲେ ବାପାଙ୍କୁ ଚାଷ କାମରେ ମଧ୍ୟ ସହଯୋଗ କରନ୍ତି ମିଲେଶ୍ୱରୀ। ତାଙ୍କର ଏହି ସଂଘର୍ଷ ଓ ଶିକ୍ଷା ପ୍ରତି ନିଷ୍ଠା ସ୍କୁଲ୍‌ର ଶିକ୍ଷକଙ୍କ ମଧ୍ୟରେ ତାଙ୍କୁ ପ୍ରିୟ କରିପାରିଛି । ମିଲେଶ୍ୱରୀଙ୍କ ଏହି କାହାଣୀ ଆମ ସମ୍ମୁଖରେ ଏକ ବଡ଼ ପ୍ରଶ୍ନ ଛାଡ଼ିଯାଉଛି । ନିଜ ଅଞ୍ଚଳରେ ଉଚ୍ଚଶିକ୍ଷାର ସୁବିଧା ନଥିବାରୁ ଜଣେ ଓଡ଼ିଆ ଛାତ୍ରୀଙ୍କୁ କାହିଁକି ପ୍ରତିଦିନ ରାଜ୍ୟ ସୀମା ଡେଇଁ ୨୬ କିଲୋମିଟର ଯାତ୍ରା କରିବାକୁ ପଡୁଛି ? ତାଙ୍କ ଶିକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ସୁବିଧା ସୃଷ୍ଟି ହେବ କି ? ମିଲେଶ୍ୱରୀଙ୍କ ଏହି ସଂଘର୍ଷର କାହାଣୀ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ।

## ୩୦ କିସମର କୋକୋନଟ୍ ମ୍ୟୁଜିୟମ

# ଓଡ଼ିଶାକୁ କୋକୋନଟ୍‌ର ହବ୍ କରିବା ଲକ୍ଷ୍ୟ

*ଗୋଟିଏ ସ୍ଥାନରେ ୩୦ରୁ ଅଧିକ କିସମର ନଡ଼ିଆ ଗଛ। ରାଜଧାନୀ ଉପକଣ୍ଠ ଚନ୍ଦକାରେ ରହିଛି ଏ ନିଆରା କୋକୋନଟ୍ ମ୍ୟୁଜିୟମ୍। ଭାରତର ବିଭିନ୍ନ ରାଜ୍ୟ ସହ ଆଣ୍ଡାମାନ, ଲାକ୍ଷାଦ୍ୱୀପ, ସିଙ୍ଗାପୁର ଏବଂ ମାଲେସିଆର ନଡ଼ିଆ ଚାରା ରହିଛି ଏଠାରେ। ଏ ମ୍ୟୁଜିୟମ୍ କେବଳ ନଡ଼ିଆ ସଂଗ୍ରହ କରି ରଖିବାର ସ୍ଥାନ ହୋଇ ନାହିଁ, ଏହା ପଛରେ ରହିଛି ଚାଷୀଙ୍କ ଜୀବନ ବଦଳାଇବାର ଏକ ବଡ଼ ଲକ୍ଷ୍ୟ। ଏ ଲକ୍ଷ୍ୟ ନେଇ ଆଗେଇ ଚାଲିଛନ୍ତି ଢେଙ୍କାନାଳର ଯୁବକ ସତ୍ୟ ତାପସ। ୨୦୧୯ ଫନି ବାତ୍ୟାରେ ଓଡ଼ିଶା ଉପକୂଳରେ ବ୍ୟାପକ ନଡ଼ିଆ ଗଛ ନଷ୍ଟ ହୋଇଥିବାରୁ ନଡ଼ିଆ ଚାଷର ପୁନରୁଦ୍ଧାର ପାଇଁ ସେ ଲକ୍ଷ୍ୟ ରଖିଛନ୍ତି।*




ବିଦେଶରେ ଚାକିରି, ଭଲ ଦରମା ସହ ଆରାମଦାୟକ ଜୀବନ ଜୀଉଁଥିଲେ। କିନ୍ତୁ ଚାଷ ପ୍ରତି ଭଲପାଇବା ତାଙ୍କୁ ପୁଣି ଟାଣି ଆଣିଛି ଓଡ଼ିଶା ମାଟିକୁ। ଚାଷକୁ କରିଛନ୍ତି ନିଶା, ଆଉ ନଡ଼ିଆକୁ କରିଛନ୍ତି ନିଜର ପରିଚୟ। ରାଜଧାନୀ ଉପକଣ୍ଠ ଚନ୍ଦକାରେ ନଡ଼ିଆକୁ ନେଇ ଚଳାଇଛନ୍ତି ଗବେଷଣା। ଗୋଟିଏ ସ୍ଥାନରେ ୩୦ରୁ ଅଧିକ କିସମର ନଡ଼ିଆ ଗଛ। ରାଜଧାନୀ ଉପକଣ୍ଠ ଚନ୍ଦକାରେ ରହିଛି ଏ ନିଆରା କୋକୋନଟ୍ ମ୍ୟୁଜିୟମ୍। ଭାରତର ବିଭିନ୍ନ ରାଜ୍ୟ ସହ ଆଣ୍ଡାମାନ, ଲାକ୍ଷାଦ୍ୱୀପ, ସିଙ୍ଗାପୁର ଏବଂ ମାଲେସିଆର ନଡ଼ିଆ ଚାରା ରହିଛି ଏଠାରେ। ଏ ମ୍ୟୁଜିୟମ୍ କେବଳ ନଡ଼ିଆ ସଂଗ୍ରହ କରି ରଖିବାର ସ୍ଥାନ ହୋଇ ନାହିଁ, ଏହା ପଛରେ ରହିଛି ଚାଷୀଙ୍କ ଜୀବନ ବଦଳାଇବାର ଏକ ବଡ଼ ଲକ୍ଷ୍ୟ। ଏ ଲକ୍ଷ୍ୟ ନେଇ ଆଗେଇ ଚାଲିଛନ୍ତି ଢେଙ୍କାନାଳର ଯୁବକ ସତ୍ୟ ତାପସ। ୨୦୧୯ ଫନି ବାତ୍ୟାରେ ଓଡ଼ିଶା ଉପକୂଳରେ ବ୍ୟାପକ ନଡ଼ିଆ ଗଛ ନଷ୍ଟ ହୋଇଥିବାରୁ ନଡ଼ିଆ ଚାଷର ପୁନରୁଦ୍ଧାର ପାଇଁ ସେ ଲକ୍ଷ୍ୟ ରଖିଛନ୍ତି।

ସତ୍ୟ ଦୀର୍ଘ ବର୍ଷ ହେଲା ଜର୍ମାନୀରେ ଭଲ ଦରମାରେ ଚାକିରି କରିଥିଲେ। ମାତ୍ର ଚାଷ ପ୍ରତି ଅହେତୁକ ଭଲପାଇବା ତାଙ୍କୁ ପୁଣି ଥରେ ଓଡ଼ିଶା ମାଟିକୁ ଟାଣି ଆଣିଛି। ଗତ ୮ ବର୍ଷ ଧରି ସେ ନଡ଼ିଆ ଉପରେ ଗବେଷଣା ଚଳାଇଛନ୍ତି। କଳ୍ପବୃକ୍ଷ ଫାଉଣ୍ଡେସନ୍ ମାଧ୍ୟମରେ ଚାଷୀଙ୍କୁ ନଡ଼ିଆ ଚାଷ ସମ୍ପର୍କରେ ମାଗଣାରେ ତାଲିମ ଓ ପରାମର୍ଶ ଦିଆଯାଉଛି। କେବଳ ନଡ଼ିଆ ନୁହେଁ, ନଡ଼ିଆରୁ ତିଆରି ହସ୍ତଶିଳ୍ପ, ଘରୋଇ ବ୍ୟବହାର ସାମଗ୍ରୀ, ନଡ଼ିଆ ତେଲ, ନଡ଼ିଆ ଗୁଣ୍ଡ ଭଳି ବିଭିନ୍ନ ସାମଗ୍ରୀ ମଧ ସଂଗ୍ରହାଳୟରେ ପ୍ରଦର୍ଶିତ ହେଉଛି।



# ସକାଳୁ ବିଛଣା ଛାଡ଼ିବା ପୂର୍ବରୁ

***ସକାଳୁ ନିଦ ଭାଙ୍ଗିଲେ ହଠାତ୍ ବିଛଣା ଛାଡ଼ନ୍ତୁ ନାହିଁ। କେତେକ କଥା ପ୍ରତି ଧ୍ୟାନ ଦେଲେ ଟଙ୍କା ପଇସାର ଅଭାବ ରହିନଥାଏ।***



***ସକାଳୁ ସକାଳୁ ଦେଖନ୍ତୁ ହାତ :*** ସକାଳୁ ସକାଳୁ ନିଜ ପାପୁଲିକୁ ଦେଖିବା ଉଚିତ। ବିଶ୍ୱାସ ରହିଛି ଏପରି କଲେ ମହାଲକ୍ଷ୍ମୀ, ସରସ୍ୱତୀଙ୍କ ସହ ଭଗବାନ ବିଷ୍ଣୁଙ୍କ କୃପା ମଧ ମିଳିଥାଏ।

***ଦିଅଁଙ୍କ ଘର ସଫା ରଖନ୍ତୁ :*** ଦିଅଁଙ୍କ ଘରେ ମୂର୍ତ୍ତି ଏବଂ ପୂଜା ସାମଗ୍ରୀ ଠିକ୍ ଭାବେ ସଜା ହୋଇ ରହିବା ଆବଶ୍ୟକ। ଏହା ଦ୍ୱାରା ଦେବାଦେବୀ ପ୍ରସନ୍ନ ହୋଇଥାନ୍ତି। କୁଣ୍ଡଳୀ ଦୋଷ ମଧ ଲାଗିନଥାଏ।

***ସକାଳୁ କରନ୍ତୁ ଭୂମି ପ୍ରଣାମ :*** ସକାଳୁ ପଲଙ୍କରୁ ଉଠି ଭୂମିକୁ ସ୍ପର୍ଶ କରିବା ମାତ୍ରେ ପ୍ରଣାମ କରିବା ଉଚିତ। ଏହା ସହ ଭୂମିକୁ କ୍ଷମା ମଧ ମାଗିବା ଉଚିତ୍। କାରଣ ଧରିତ୍ରୀ ଉପରେ ଗୋଡ଼ ରଖିବା ଦୋଷ ଲାଗିଥାଏ।

***ଗାଈକୁ ରୁଟି ଖାଇବାକୁ ଦିଅନ୍ତୁ :*** ପ୍ରତ୍ୟହ ରୁଟି କରିବା ପରେ ପ୍ରଥମ ରୁଟିକୁ ଗାଈ ପାଇଁ ରଖନ୍ତୁ ଏବଂ ଘର ଆଖପାଖକୁ ଗାଈ ଆସିଲେ ତାକୁ ରୁଟି ଖାଇବାକୁ ଦିଅନ୍ତୁ।

***ସୂର୍ଯ୍ୟଙ୍କୁ ଜଳ ଅର୍ଘ୍ୟ :*** ପ୍ରତ୍ୟହ ସୂର୍ଯ୍ୟଙ୍କୁ ଜଳ ଅର୍ଘ୍ୟ ଦିଅନ୍ତୁ। ଏହା କଲେ ଘର, ପରିବାର ଏବଂ ସମାଜରେ ମାନ-ସମ୍ମାନ ବୃଦ୍ଧି ହୁଏ।



# ରାଷ୍ଟ୍ରପତିଙ୍କ ହାତରୁ ଜାତୀୟ ପୁରସ୍କାର ଗ୍ରହଣ କଲେ ଝିଲିକ୍ ଭଟ୍ଟାଚାର୍ଯ୍ୟ




**ଭୁବନେଶ୍ୱର:** ଓଡ଼ିଆ ସିନେମା ଜଗତ ପାଇଁ ଆସିଛି ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ। ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଲହରୀ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ସମ୍ମାନିତ ହୋଇଛି। ୨୦୨୫ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏବଂ ପ୍ରଯୋଜନା କରିଛନ୍ତି ଝିଲିକ୍ ଭଟ୍ଟାଚାର୍ଯ୍ୟ। ଜାତୀୟ ପୁରସ୍କାରର ଅଧିକୃତ ତାଲିକାରେ 'ଲହରୀ'କୁ Best Odia Film ଭାବେ ଚୟନ କରାଯାଇଥିବା ଉଲ୍ଲେଖ ରହିଛି।

ଗୁଜରାଟର ଏକତା ନଗରରେ ଅନୁଷ୍ଠିତ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଝିଲିକ୍ ଭଟ୍ଟାଚାର୍ଯ୍ୟ 'ଲହରୀ' ପାଇଁ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ। ଏଥରର ସମାରୋହ ଦିଲ୍ଲୀ ବାହାରେ ଆୟୋଜିତ ହେବା ମଧ୍ୟ ଏକ ଉଲ୍ଲେଖନୀୟ ପ୍ରସଙ୍ଗ ଥିଲା।

'ଲହରୀ' ଏକ ସାମାଜିକ ଭିତ୍ତିକ ଚଳଚ୍ଚିତ୍ର। ଗ୍ରାମୀଣ ଜୀବନ, ପରମ୍ପରା, ଜୀବିକା ଏବଂ ଦ୍ରୁତ ସହରୀକରଣ ମଧ୍ୟରେ ସୃଷ୍ଟି ହେଉଥିବା ପରିବର୍ତ୍ତନକୁ ଏହି ଚଳଚ୍ଚିତ୍ର କାହାଣୀ ମାଧ୍ୟମରେ ଉପସ୍ଥାପନ କରିଛି। ଜଣେ ମତ୍ସ୍ୟଜୀବୀ ଓ ଜଣେ ନାବିକଙ୍କ ଜୀବନକୁ କେନ୍ଦ୍ର କରି ପାରମ୍ପରିକ ଜୀବନ ଓ ଆଧୁନିକ ବାଣିଜ୍ୟିକ ପରିବର୍ତ୍ତନ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଚଳଚ୍ଚିତ୍ରରେ ଦର୍ଶାଯାଇଛି।

ପୁରସ୍କାର ଗ୍ରହଣ ପରେ ଝିଲିକ୍ ଭଟ୍ଟାଚାର୍ଯ୍ୟ ଏହି ମୁହୂର୍ତ୍ତକୁ ତାଙ୍କ ଓଡ଼ିଶା ସହ ଥିବା ଭାବନାତ୍ମକ ସମ୍ପର୍କ ସହ ଯୋଡ଼ିଛନ୍ତି। ରାଷ୍ଟ୍ରପତି ମୁର୍ମୁଙ୍କ ହାତରୁ ପୁରସ୍କାର ଗ୍ରହଣ କରିବା ତାଙ୍କ ପାଇଁ ଏକ ବିଶେଷ ଅନୁଭୂତି ବୋଲି ସେ କହିଛନ୍ତି। ଓଡ଼ିଶା ତାଙ୍କୁ କେବଳ ପରିଚୟ ଦେଇନାହିଁ, ତାଙ୍କ ଜୀବନର ଅଂଶ କରିଛି ବୋଲି ସେ ଭାବନା ପ୍ରକାଶ କରିଛନ୍ତି।

ଏହି ମୁହୂର୍ତ୍ତରେ ଜଣେ ଓଡ଼ିଶାର ଗର୍ବିତ ଝିଅ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଓଡ଼ିଶାର ଗର୍ବିତ ବୋହୂ ଭାବେ ଝିଲିକ୍ ଭଟ୍ଟାଚାର୍ଯ୍ୟଙ୍କ ଉପସ୍ଥିତି ଏକ ଭାବପ୍ରବଣ ସମ୍ପର୍କର




ଚିତ୍ର ଆଙ୍କିଥିଲା। ଦୁଇଟି ଭିନ୍ନ ଯାତ୍ରା ଓ ଦୁଇଟି ପରିଚୟ ଥିଲେ ମଧ୍ୟ ଓଡ଼ିଶା ପ୍ରତି ଭଲପାଇବା ଓ ଗର୍ବର ଭାବନା ଏହି ମୁହୂର୍ତ୍ତକୁ ଅଧିକ ସ୍ମରଣୀୟ କରିଛି।

ଏହି ସମ୍ମାନ କେବଳ 'ଲହରୀ'ର ପ୍ରଯୋଜକ, ନିର୍ଦ୍ଦେଶକ କିମ୍ବା କଳାକାରଙ୍କ ସଫଳତା ନୁହେଁ; ଏହା ଚଳଚ୍ଚିତ୍ରର ପ୍ରତ୍ୟେକ କଳାକାର, ଟେକ୍ନିସିଆନ୍ ଏବଂ ସମଗ୍ର ଟିମ୍ର ପରିଶ୍ରମକୁ ଜାତୀୟ ସ୍ତରରେ ମିଳିଥିବା ସ୍ୱୀକୃତି। ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ମଧ୍ୟ ଏହି ପୁରସ୍କାରକୁ ସମଗ୍ର 'ଲହରୀ' ଟିମ୍‌ର ସଫଳତା ବୋଲି ଉଲ୍ଲେଖ କରିଛନ୍ତି।

'ଲହରୀ'ର ଏହି ଜାତୀୟ ସମ୍ମାନ ଓଡ଼ିଆ ଚଳଚ୍ଚିତ୍ରକୁ ଜାତୀୟ ମଞ୍ଚରେ ଆଉ ଏକ ନୂଆ ପରିଚୟ ଦେଇଛି। ଆଞ୍ଚଳିକ କାହାଣୀ, ଓଡ଼ିଶାର ଜୀବନ ଓ ସାମାଜିକ ବାସ୍ତବତାକୁ ନେଇ ତିଆରି ହୋଇଥିବା ଏହି ସିନେମାକୁ ମିଳିଥିବା ସ୍ୱୀକୃତି ଓଡ଼ିଆ ସିନେମା ଜଗତ ପାଇଁ ନିଶ୍ଚିତ ଭାବେ ଏକ ସ୍ମରଣୀୟ ଅଧ୍ୟାୟ ହୋଇ ରହିବ।

# ଷ୍ଟାଇଲ୍, ସୌନ୍ଦର୍ଯ୍ୟ ଓ ହସର ଚମକ–ସୋମାଲିନ ପରିଡା



ଅଭିନେତ୍ରୀ ସହ ଜଣେ ହସମୁଖୀ ମଣିଷ; ଫ୍ୟାଶନ୍, ବ୍ୟୁଟି, ଲାଇଫ୍‌ଷ୍ଟାଇଲ୍ ଓ ଟ୍ରାଭେଲ୍ ଭିଡିଓରେ ସୋସିଆଲ ମିଡିଆରେ ସାଉଁଟୁଛନ୍ତି ଭଲପାଇବା ଓଡ଼ିଆ ମନୋରଞ୍ଜନ ଜଗତରେ ନିଜର ଅଭିନୟ ପ୍ରତିଭା, ଷ୍ଟାଇଲିଶ୍ ଲୁକ୍ ଏବଂ ହସମୁଖୀ ବ୍ୟକ୍ତିତ୍ୱ ମାଧ୍ୟମରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି ସୋମାଲିନ ପରିଡା। ଜଣେ ଅଭିନେତ୍ରୀ ଭାବେ ପରିଚିତ ହେବା ସହିତ ଜଣେ ଭଲ ମଣିଷ ଭାବେ ମଧ୍ୟ ସେ ନିଜର ଏକ ସୁନ୍ଦର ପରିଚୟ ଗଢ଼ିଛନ୍ତି। ସୋମାଲୀନଙ୍କ ମୁହଁରେ ସବୁବେଳେ ଦେଖିବାକୁ ମିଳୁଥିବା ହସ ହିଁ ତାଙ୍କ ବ୍ୟକ୍ତିତ୍ୱର ଏକ ବିଶେଷ ଆକର୍ଷଣ।

୨୦୧୬ ମସିହାର ରଜ କୁଇନ୍ ବିଜେତା ହୋଇ ସୋମାଲିନ ନିଜର ପ୍ରତିଭାର ଏକ ନୂଆ ପରିଚୟ ସୃଷ୍ଟି କରିଥିଲେ। ଏହାପରେ ମନୋରଞ୍ଜନ ଜଗତରେ ତାଙ୍କ ଯାତ୍ରା ଜାରି ରହିଛି। ବିଭିନ୍ନ ରିଅଲିଟି ଶୋ'ରେ ନିଜର ପ୍ରତିଭା ପ୍ରଦର୍ଶନ କରି ସେ ଦର୍ଶକଙ୍କ ନିକଟତର ହୋଇପାରିଛନ୍ତି।

କେବଳ ଅଭିନୟ ନୁହେଁ, ଡିଜିଟାଲ୍ ଦୁନିଆରେ ମଧ୍ୟ ସୋମାଲୀନ ନିଜର ଏକ ଭିନ୍ନ ପରିଚୟ ତିଆରି କରିଛନ୍ତି। ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଲାଇଫ୍‌ଷ୍ଟାଇଲ୍ ଏବଂ ଭ୍ରମଣ ଭଳି ବିଭିନ୍ନ ବିଷୟକୁ ନେଇ ସେ ନିୟମିତ ଭାବେ ଭିଡିଓ ତିଆରି କରୁଛନ୍ତି। ତାଙ୍କର ସ୍ୱାଭାବିକ ଅଭିବ୍ୟକ୍ତି, ଆକର୍ଷଣୀୟ ଉପସ୍ଥାପନା ଏବଂ ନିଜସ୍ୱ ଷ୍ଟାଇଲ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସୁଛି। ଫଳରେ ସୋସିଆଲ ମିଡିଆରେ ମଧ୍ୟ ତାଙ୍କୁ ବହୁତ ଭଲପାଇବା ମିଳୁଛି।

ନିକଟରେ ପ୍ରକାଶ ମ୍ୟୁଜିକ୍ ଦ୍ୱାରା ପ୍ରସ୍ତୁତ 'ଅଷ୍ଟା ବିଛା' ଗୀତକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିଛି। ଗୀତଟିକୁ ନେଇ ଦର୍ଶକ ଓ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ଏହା ସହିତ ସୋମାଲିନଙ୍କ ଫ୍ୟାଶନ୍ ଷ୍ଟାଇଲ୍ ଏବଂ ଫିଟନେସ୍ ମଧ୍ୟ ତାଙ୍କୁ ଅନ୍ୟମାନଙ୍କଠାରୁ ନିଆରା କରିଛି।

ତାଙ୍କର ଷ୍ଟାଇଲିଶ୍ ଲୁକ୍ ଏବଂ ଫିଟନେସ୍‌ର ସିକ୍ରେଟ୍ କ'ଣ—ଏହି ପ୍ରଶ୍ନ ଅନେକଙ୍କ ମନରେ ଆସିପାରେ। କିନ୍ତୁ ସୋମାଲୀନଙ୍କ ଜୀବନଶୈଳୀକୁ ଦେଖିଲେ ଏହାର ଏକ ସରଳ ଉତ୍ତର ମିଳେ—ସବୁବେଳେ ଖୁସିରେ ରହିବା। ଜୀବନକୁ ସକାରାତ୍ମକ ଭାବେ ନେବା ଏବଂ ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିବା ତାଙ୍କ ବ୍ୟକ୍ତିତ୍ୱର ଏକ ବଡ଼ ଅଂଶ।





# ସ୍ୱପ୍ନକୁ ସାକାର କରିବାର ଜିଦ୍

## ଅଙ୍କିତଙ୍କ ସଫଳତାର କାହାଣୀ



ସମ୍ବଲପୁର ମାଟିରୁ ଆସି ସ୍ୱପ୍ନକୁ ସାକାର କରିବାର ଲକ୍ଷ୍ୟ ନେଇ ମନୋରଞ୍ଜନ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ଅଭିନେତା ଅଙ୍କିତ ପଟ୍ଟନାୟକ। ଅଭିନୟ ପ୍ରତି ଆକର୍ଷଣ ଓ ନିଜ ପ୍ରତିଭାକୁ ବଡ଼ ମଞ୍ଚରେ ପହଞ୍ଚାଇବାର ଆଶା ତାଙ୍କୁ ନେଇଯାଇଥିଲା ସ୍ୱପ୍ନର ନଗରୀ ମୁମ୍ବାଇକୁ। ୨୦୧୮ ମସିହାରେ ଗଣଇ ଶିକ୍ଷା ସମାପ୍ତ କରିବା ପରେ ଅଙ୍କିତ ନିଜ ସ୍ୱପ୍ନକୁ ପୂରଣ କରିବା ପାଇଁ ମୁମ୍ବାଇ ଯାତ୍ରା କରିଥିଲେ। ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ପ୍ରାୟ ଦୁଇ ବର୍ଷ ଧରି ଡ୍ରାମା ଓ ଥିଏଟର ସହ ଜଡ଼ିତ ରହି ଅଭିନୟର ବିଭିନ୍ନ ଦିଗକୁ ଅନୁଭବ କରିଥିଲେ। ଏହି ସମୟ ତାଙ୍କ ଅଭିନୟ ଦକ୍ଷତାକୁ ଅଧିକ ପରିପକ୍ୱ କରିବା ସହ ଆଗାମୀ ଦିନର ଯାତ୍ରା ପାଇଁ ଏକ ମଜବୁତ ଭିତ୍ତି ତିଆରି କରିଥିଲା।

ମୁମ୍ବାଇରୁ ଓଡ଼ିଶା ଫେରିବା ପରେ ଅଙ୍କିତ ଓଡ଼ିଆ ମନୋରଞ୍ଜନ ଜଗତରେ ନିଜର ପ୍ରତିଭା ଦେଖାଇବା ଆରମ୍ଭ କରିଥିଲେ। ଏକାଧିକ ମ୍ୟୁଜିକ୍ ଭିଡିଓରେ ଅଭିନୟ କରି ସେ ଦର୍ଶକଙ୍କ ନଜରକୁ ଆସିଥିଲେ। ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଥିବା ଅଙ୍କିତଙ୍କ ମଧ୍ୟରୁ 'ରସିଆ ମାଗୁଛି ଗେଲ' ଗୀତଟି ବିଶେଷ ଭାବେ ଲୋକପ୍ରିୟତା ହାସଲ କରିଥିଲା। ଏହି ଗୀତ ଓ ତାଙ୍କ ଅଭିନୟ ଓଡ଼ିଶାର ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚା ସୃଷ୍ଟି କରିଥିଲା।

ମ୍ୟୁଜିକ୍ ଭିଡିଓ ପରେ ଅଙ୍କିତ ଓଡ଼ିଆ ଧାରାବାହିକ ଜଗତରେ ମଧ୍ୟ ନିଜର ସ୍ଥାନ ସୃଷ୍ଟି କରିଛନ୍ତି। 'ମଧୁର ସଂସାର', 'ସାଥିରେ' ଓ 'ବଡ଼ ବହୁ' ଭଳି ଧାରାବାହିକରେ ତାଙ୍କ ଅଭିନୟ ଦର୍ଶକଙ୍କ ମନକୁ କିଣିଥିଲେ । ବିଭିନ୍ନ ଚରିତ୍ରକୁ ନିଜ ଅଭିନୟ ମାଧ୍ୟମରେ ଜୀବନ୍ତ କରିବାର ପ୍ରୟାସ ତାଙ୍କୁ ଧାରାବାହିକ ଜଗତରେ ଏକ ପରିଚିତ ଚେହେରା କରିଛି।

ଅଭିନୟ କ୍ଷେତ୍ରରେ ତାଙ୍କର ଏହି ଅବଦାନ ଓ ପ୍ରତିଭା ପାଇଁ ଅଙ୍କିତ ପଟ୍ଟନାୟକଙ୍କୁ 'ବେଷ୍ଟ ସପୋର୍ଟିଂ ଆକ୍ଟର ଇନ୍ ମେଲ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷା ପରେ ଏକ ନିରାପଦ କ୍ୟାରିୟର ବାଛିବା ବଦଳରେ ନିଜ ସ୍ୱପ୍ନ ପଛରେ ଦୌଡ଼ିଥିବା ଅଙ୍କିତଙ୍କ ଯାତ୍ରା ଆଜି ଅନେକ ଯୁବ ପ୍ରତିଭାଙ୍କ ପାଇଁ ପ୍ରେରଣାର ଉଦାହରଣ ପାଲଟିଛି। ସ୍ୱପ୍ନକୁ ଲକ୍ଷ୍ୟ କରି ପରିଶ୍ରମ, ଧୈର୍ଯ୍ୟ ଓ ନିରନ୍ତର ପ୍ରୟାସ ଜାରି ରଖିଲେ ନିଜ ପରିଚୟ ତିଆରି କରାଯାଇପାରେ—ଅଙ୍କିତଙ୍କ ଅଭିନୟ ଯାତ୍ରା ଏହାର ଏକ ଉଦାହରଣ।

**ଜାତୀୟ ବଲ୍ ବ୍ୟାଡମିଣ୍ଟନ**

# ତିରୁପତି ଯାତ୍ରା କଲେ ଓଡ଼ିଶାର ପୁରୁଷ ଓ ମହିଳା ଦଳ




**ଭୁବନେଶ୍ୱର:** ଚକ୍ରଧର ମାଝୀ — ଆନ୍ଧ୍ରପ୍ରଦେଶର ତିରୁପତିଠାରେ ସେପ୍ଟେମ୍ବର ୨୪ ତାରିଖରୁ ଆୟୋଜିତ ହେବାକୁ ଥିବା ୭୨ତମ ଜାତୀୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ରେ ଭାଗ ନେବା ପାଇଁ ଓଡ଼ିଶାର ପୁରୁଷ ଓ ମହିଳା ଦଳ ତିରୁପତି ଯାତ୍ରା କରିଛନ୍ତି। ଜାତୀୟ ସ୍ତରର ଏହି ପ୍ରତିଯୋଗିତାରେ ଉଭୟ ଦଳ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

ପୁରୁଷ ଦଳରେ ଅମରେନ୍ଦ୍ର ସେଠୀ, ସତ୍ୟପ୍ରକାଶ ପାଢ଼ୀ, ସୌମ୍ୟରଞ୍ଜନ ଦାସ, ସାଗର ଦଳାଇ, ସମ୍ବିତ ସାଇ ବରାଳ, ବି. ତ୍ରିନାଥ ରାଓ, ପ୍ରତ୍ୟୁଷ , ସଞ୍ଜିତ ବାରିକ, ଯଶୋବନ୍ତ ଯଶରାଜ ଓ ଜି. ଅର୍ଜୁନ ରାଓ ସ୍ଥାନ ପାଇଛନ୍ତି। ଦଳର କୋଚ୍ ଭାବେ ଆଦିତ୍ୟ କୁମାର ସାମନ୍ତରାୟ ଓ ମ୍ୟାନେଜର ଭାବେ ରଜତ କୁମାର ରାଉତ ରହିଛନ୍ତି।

ସେହିପରି ମହିଳା ଦଳରେ ସୂର୍ଯ୍ୟକାନ୍ତି ସାହୁ, ରାଜଶ୍ରୀ ପରିଡ଼ା, ଅର୍ଚ୍ଚିତା ସାମନ୍ତ, ଅନ୍ନପୂର୍ଣ୍ଣା ମହୁରୀ, ସୁଶ୍ରୀତା ସାମନ୍ତରାୟ, ଅଳିଭା ମହାନ୍ତି, ପୂଜାରାଣୀ ବେହେରା, ଲିଲି ସ୍ୱାଇଁ, ଲିଜା ନାୟକ ଓ ବିଜୟଲକ୍ଷ୍ମୀ ଦାସ ରହିଛନ୍ତି। ମ୍ୟାନେଜର ଭାବେ ସୁନୀତା ସ୍ୱାଇଁ ଦାୟିତ୍ୱ ତୁଲାଇବେ। ଉଭୟ ଦଳ ଜାତୀୟ ଚାମ୍ପିଅନସିପ୍ରେ ଉତ୍ତମ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି କ୍ରୀଡ଼ାପ୍ରେମୀ ଓ ସଂଘର କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିବା ସହ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଷ୍ଟ୍ରେଲିଆକୁ ୬ ୱିକେଟ୍‌ରେ ହରାଇଲା ଭାରତୀୟ ଯୁବ ଦଳ

**ରାଜକୋଟ୍:** ସ୍ଥାନୀୟ ନିରଞ୍ଜନ ଶାହ ଷ୍ଟାଡିୟମଠାରେ ଖେଳାଯାଇଥିବା ତୃତୀୟ ୧୯ ବର୍ଷରୁ କମ୍ ଅନୌପଚାରିକ ଦିନିକିଆରେ ଅଷ୍ଟ୍ରେଲିଆକୁ ୬ ୱିକେଟ୍‌ରେ ପରାସ୍ତ କରିଛି ଭାରତୀୟ ଯୁବ ଦଳ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୯.୩ ଓଭରରେ ୨୫୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜେଡ୍ ହଲିକ୍ ୮୭ ରନ୍ କରିଥିବାବେଳେ ନିଲ୍ ପଟେଲ୍ ୫୧, ବ୍ଲକ୍ କ୍ୟାଟଲ୍ ୩୮ ରନ୍ କରିଥିଲେ।

ଭାରତ ପକ୍ଷରୁ ମୋହିତ ଉଲ୍‌ଭା ଓ ମନାଲ ଚୌହାନ ୩ ୱିକେଟ୍ ଲେଖାଏଁ ଅକ୍ତିଆର କରିଥିଲେ। ଜବାବରେ ଭାରତ ଓପନର ଲକ୍ଷ୍ୟ ରାଜେଶ ରାଇଚନ୍ଦାନିଙ୍କ ଅପରାଜିତ ଶତକ ବଦଳରେ ୪୧.୨ ଓଭରରେ ୪ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଘରୋଇ ଦଳ ପକ୍ଷରୁ କୁଶାଗ୍ର ଓଝା ୪୫ ଓ ରଜତ ବଘେଲ ୪୪ ରନ୍‌ର




ଯୋଗଦାନ ଦେଇଥିଲେ। ଆର୍ଯ୍ୟବୀର ସେହୱାଗ୍ ୩୪ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସ୍ୱେନ୍ସର ଗ୍ରିନ ୨ୱିକେଟ୍ ଅକ୍ତିଆର କରିଥିଲେ।

# ରୋଇଂରେ ସତନାମ୍-ସଲମାନଙ୍କୁ କାଂସ୍ୟ

**ଆଇଚି:** ଭାରତୀୟ ଡବଲ୍ ସ୍କଲ୍‌ସ ରୋୱିଂର ସତନାମ୍ ସିଂହ ଓ ସଲମାନ ଖାନ ଗୁରୁବାର ଚଳିତ ଏସୀୟ କ୍ରୀଡ଼ାରେ ଭାରତକୁ କାଂସ୍ୟ ପଦକ ଭେଟି ଦେଇଛନ୍ତି। ପ୍ରଥମ ୧୦୦୦ ମିଟରରେ ଆଗରେ ଥିବା ଉଜବେକିସ୍ତାନ ଓ ଚୀନ୍‌କୁ ପଛରେ ପକାଇବାକୁ ଭାରତ ଚେଷ୍ଟା କରିଥିଲା। ଆଉ ୫୦୦ ମିଟର ରେସ୍ ବାକି ଥିଲା ବେଳେ ଭାରତୀୟ ଯୋଡ଼ି ଉଜ୍‌ବେକିସ୍ତାନକୁ ପଛରେ ପକାଇ ଦେଇଥିଲେ। ହେଲେ ଶେଷ ପର୍ଯ୍ୟନ୍ତ ଏହା ଜାରି ନ ରହିବାରୁ ସତନାମ୍ ଓ ସଲମାନ୍ ୬ ମିନିଟ୍ ୧୩.୨୫ ସେକେଣ୍ଡ ସମୟ ସହ କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ଚୀନ୍‌ର ଜୁଚି ୟି ଓ ୟିଦେ ନିଏ (୬:୦୯.୭୭ ସେକେଣ୍ଡ) ସ୍ୱର୍ଣ୍ଣ ଓ ଉଜବେକିସ୍ତାନର ପଭେଲ ସୋରିନ ଓ ମେଖ୍ରୋଜ୍‌ବେକ ମାମାତ୍‌କୁଲୋଭ (୬:୧୦.୪୯ ସେକେଣ୍ଡ) ରୌପ୍ୟ ପଦକ ଜିତିଥିଲେ।

ତେବେ ପୁରୁଷ ଏକକ ସ୍କଲ୍‌ସ ଫାଇନାଲ୍‌ରେ ବଲରାଜ ପନୱାର ଅଳ୍ପକେ କାଂସ୍ୟ ପଦକ




ହାତଛଡ଼ା କରିଥିଲେ। ୨୦୦୦ ମିଟର ରେସ୍‌ର ୫୦୦ ମିଟର ବାକି ଥିଲା ବେଳେ ବଲରାଜ ଦ୍ୱିତୀୟ ସ୍ଥାନରେ ରହିଥିଲେ। ହେଲେ ପରେ ଉଜବେକିସ୍ତାନର ଶାଖବୋଜ ଖୋଲମୁର୍ଜାଏଭ (୬:୪୧.୮୩) ଓ ଜାପାନର ତତ୍‌ସୁୟା ସକୁରାମା (୬:୪୬.୭୮) ତାଙ୍କୁ ଟପି ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ। ଚୀନ୍‌ର ଝିୱେଇ ଡେଙ୍ଗ (୬:୩୮.୯୮) ସ୍ୱର୍ଣ୍ଣ ଜିତିଥିଲେ। ବଲରାଜ (୬:୫୪.୮୦) ଚତୁର୍ଥ ସ୍ଥାନରେ ରହିଥିଲେ।



# ଉଷୁ ଫାଇନାଲ୍‌ରେ ରୋଶିବିନା

ଲଗାତାର ତୃତୀୟ ଏସୀୟ କ୍ରୀଡ଼ା ପଦକ ପକ୍କା କରି ହ୍ୟାଟ୍ରିକ୍ ଅର୍ଜନ କରିଥିବା ଭାରତୀୟ ଉଷୁ ଖେଳାଳି ନାଓରେମ ରୋଶିବିନା ଦେବୀ ଏବେ ସ୍ୱର୍ଣ୍ଣ ଦେ?ଡ଼ରେ ସାମିଲ ହୋଇଛନ୍ତି। ୨୦୧୮ ଓ ୨୦୨୩ ସଂସ୍କରଣରେ ଯଥାକ୍ରମେ କାଂସ୍ୟ ଓ ରୌପ୍ୟ ପଦକ ଜିତିଥିବା ରୋଶିବିନା ବୁଧବାର ୬୦ କିଲୋଗ୍ରାମ୍ ସେମିଫାଇନାଲ୍‌ରେ ଇଣ୍ଡୋନେସିଆର ତାନିଆ କୁସୁମାନିଙ୍ଗ୍‌ତିଆସ୍‌ଙ୍କୁ ୨-୦ରେ ମାତ୍ ଦେଇ ଫାଇନାଲ୍‌ରେ ପହଞ୍ଚିଛନ୍ତି। ଫଳରେ ସେ ପଦକର ରଙ୍ଗ ବଦଳାଇବା ଦ୍ୱାରର ନିକଟବର୍ତ୍ତୀ ହୋଇଛନ୍ତି। ଗୁରୁବାର ଫାଇନାଲ୍‌ରେ ସେ ଚୀନ୍‌ର ଜିଆଓୟୁ ଝାଙ୍ଗ୍‌ଙ୍କୁ ଭେଟିବେ। ପ୍ରଥମ ସେମିଫାଇନାଲ୍‌ରେ ଝାଙ୍ଗ୍ ଡବ୍ଲ୍ୟୁପିଡିରେ ଭିଏତ୍‌ନାମ୍‌ର ଥିଥୁ ଥୁଇ ଗୁଏଁଙ୍କୁ ପରାସ୍ତ କରିଥିଲେ।

Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ